୧୫/୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୬,୬୭,୭୨୧/- ସୁନା: ୦୮.୨୫୦ ଗ୍ରାମ୍ ରୁପା: ୧୨୩.୪୦୦ ଗ୍ରାମ୍





## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ପୁରୀ,୧୫।୧(ସମିସ): ପୁରୀ ସଦର ବ୍ଲକ ଅନ୍ତର୍ଗତ ଶାରଦା ବିହାର ଉଚ୍ଚ ବିଦ୍ୟାଳୟ ବାଲିଗୁଆଳିର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରି କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ବନଶ୍ରୀ ଜେନା ଯୋଗଦେଇ ସ୍ୱାସ୍ଥ୍ୟର ଯତ୍ନ ନେବା କେତେ ଜରୁରୀ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଅନ୍ୟତମ ଅତିଥି ବିଦ୍ୟାଳୟର ସଭାପତି ହରପ୍ରସାଦ ଜେନା ଖେଳ ପଡିଆର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ପାର୍ଥ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରପ୍ରସାଦ ନାୟକ ସଭା ପରିଚାଳନା କରିଥିଲେ।

## କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ

ନିମାପଡା,୧୫।୧(ସମିସ): ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ନିମାପଡା ନିୟନ୍ତ୍ରିତ ବଜାର କମିଟି ଓ ଧାନମଣ୍ଡି ଖୋଲିଥିବା ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଯେଉଁଠି କଟନୀ ଛଟନୀ କରିବେ ସେମାନଙ୍କ ବିରୋଧରେ ସରକାର ଦୃଢ ପଦକ୍ଷେପ ନେବେ ବୋଲି କୃଷକ ମୋର୍ଚ୍ଚାର ସଭାପତି ଶ୍ରୀ ସାହୁ କହିଛନ୍ତି। ମଣ୍ଡିରେ ଚାଷୀମାନେ ଏଫକ୍ୟୁମାନର ଧାନ ଦେବାକୁ ସଭାପତି ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଅଜୟ ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ ସଂଯୋଜକ ବିଜୟ ପଣ୍ଡା, ସଂଯୋଜକ ଗୋବର୍ଦ୍ଧନ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ପ୍ରଭାତ କୁମାର ସ୍ୱାଇଁ, ନିମାପଡା ବିଜେପି ଗ୍ରାମୀଣ ମଣ୍ଡଳ ସାଧାରଣ ସଂପାଦକ ମିଳନ ମୁଖି, ଦେବାଶୀଷ ନାୟକ ଓ ରାକେଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀନଅରରେ ଗଜପତିଙ୍କ ପୁଷ୍ୟାଭିଷେକ

ପୁରୀ,୧୫।୧(ସମିସ):



ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ବୁଧବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥିଲେ। ବିଜେ କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା।

ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳ ଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥାନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି।

## ମହାପ୍ରଭୁଙ୍କର ବନକଲାଗି

ପୁରୀ,୧୫।୧(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୫ଟା ୪୦ରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୭ଟା ୧୫ରେ ପହୁଡ଼ ଆଳତି ବଢିଥିଲା। ଏହାପରେ ୭ଟା ୨୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା 'ସ୍କିଲ୍ସ'

ପୁରୀ,୧୫।୧(ସମିସ): ଜିଲ୍ଲା ସଂସ୍କୃତି ଭବନରେ ଦ ଗ୍ରୁଭୟାର୍ଡ଼ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା 'ସ୍କିଲ୍ସ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫ ଜଣ କୃତିତ୍ୱ ଲାଭ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଇଂ. ରାଜେଶ କୁମାର ମିଶ୍ର, ସମାଜସେବୀ ମାନସ ରଞ୍ଜନ ପଣ୍ଡା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦେବାଶିଷ ଦାସ ମହାପାତ୍ର, ସମାଜସେବୀ ତଥାଗତ ସ୍ୱାଇଁ, ସଞ୍ଜିବ କୁମାର ମହାପାତ୍ର, ଆଇନଜୀବୀ ଦୀପକ୍ କୁମାର ପଣ୍ଡା, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ରାଜେଶ ରଥ, ଶିଳ୍ପପତି ଜୟ ଦାସଗୁପ୍ତା ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ଶିଶୁ ବିଭାଗ, ସବ୍ ଜୁନିୟର ଏକକ ବିଭାଗ, ଜୁନିୟର ଏକକ ବିଭାଗ, ଜୁନିୟର୍ ଗ୍ରୁପ୍ ବିଭାଗ, ସିନିୟର ଏକକ ବିଭାଗ, ସିନିୟର ଗ୍ରୁପ୍ ବିଭାଗରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧ ବକୁଳ ମଠରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଉଦ୍ଯାପିତ



ପୁରୀ,୧୫।୧(ସମିସ): ଜଗନ୍ନାଥ ଧର୍ମ ସଂସ୍କୃତି ଓ ଚେତନା ଭାରତବର୍ଷରେ ଆଧ୍ୟାତ୍ମିକ ଜନଜାଗରଣ ଆଣିବ ବୋଲି ସିଦ୍ଧବକୁଳ ମଠାଧୀଶ ଶ୍ରୀନିବାସ ଦାସ କହିଛନ୍ତି। ମଠ ପରିସରରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ରର ଉଦ୍ଯାପନୀ ଉତ୍ସବରେ ଯୋଗଦେଇ ମଠାଧୀଶ ଶ୍ରୀ ଦାସ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ମହନ୍ତ ପ୍ରେମାନନ୍ଦ ମହାରାଜଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଲାଞ୍ଜିଗଡର ବିଶିଷ୍ଟ ପ୍ରବକ୍ତା ବାବା ଶ୍ୟାମାନନ୍ଦ ଦାସ ପାଞ୍ଚଦିନ ବ୍ୟାପି ଏହି ଉତ୍ସବରେ ପ୍ରବଚନ ଦେଇଥିବାବେଳେ ଅତିଥି ଭାବେ ଭାଗବତ ଆଶ୍ରମର ମୁଖ୍ୟ ବାବା ବ୍ରଜସୁନ୍ଦର ମହାରାଜା, ମଣିରାମ ମଠର ସନ୍ଥ ଅଭିରାମ ଦାସ ଓ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର ଜଗନ୍ନାଥ ପଞ୍ଚରାତ୍ର ଉପରେ ବକ୍ତବ୍ୟ ରଖିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସଂସଦୀୟ କମିଟି



ପୁରୀ,୧୫।୧(ସମିସ): ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ସଂସଦୀୟ ପଛୁଆ ବର୍ଗ କଲ୍ୟାଣ କମିଟି। ସାଂସଦ ଗଣେଶ ସିଂହଙ୍କ ଅଧ୍ୟକ୍ଷତାରେ ଏହି କମିଟି ଷ୍ଟଡି ଟୁର୍‌ରେ ରହିଛନ୍ତି। ଏହି ଟୁର୍ କାଳରେ ଚେନ୍ନାଇ, ଭୁବନେଶ୍ୱର, କୋଲକାତା ବୁଲିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ଅପରାହ୍ନରେ କମିଟି ସଦସ୍ୟମାନେ ପୁରୀ ଆସିଥିଲେ। ସେମାନେଙ୍କୁ ସ୍ୱାଗତ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲିଥିଲେ। ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରି କମିଟିର ସମସ୍ତ ସଦସ୍ୟ ବେଶ୍ ଖୁସିବ୍ୟକ୍ତ କରିଥିଲେ। ସମଗ୍ର ଭାରତ ବର୍ଷରେ ପଛୁଆବର୍ଗଙ୍କ ପାଇଁ କାମ କରିବା ସହ ସେମାନଙ୍କ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ପ୍ଲାନ୍ ପ୍ରସ୍ତୁତି କରାଯାଇଛି ବୋଲି କହିଛନ୍ତି କମିଟି ଅଧ୍ୟକ୍ଷ ଶ୍ରୀ ସିଂହ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପଛୁଆବର୍ଗଙ୍କ ପାଇଁ ଚିନ୍ତା ଜାରି ରହିବ ବୋଲି ମଧ୍ୟ ସେ ମତ ଦେଇଛନ୍ତି। ତେବେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିବା ବେଳେ କମିଟିର ସଦସ୍ୟଙ୍କୁ ସିଂହଦ୍ୱାରରେ ଖଣ୍ଡୁଆ ଦେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ମନ୍ଦିର କାରୁକାର୍ଯ୍ୟ ବୁଲି ଦେଖିଥିଲେ କମିଟି ସଦସ୍ୟ। ଏହି କମିଟିରେ ସାମିଲ ଥିବା ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଭାରତର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆବର୍ଗଙ୍କର କିପରି ବିକାଶ ହେବ ଏବଂ ସେମାନଙ୍କର ସାମାଜିକ, ଆର୍ଥିକ ଉନ୍ନତି ଘଟିବ ତା' ଉପରେ କମିଟି ବିଶେଷ ଧ୍ୟାନ ଦେଉଛି।

## ପଣା ସଂକ୍ରାନ୍ତି ପାଳନ ପାଇଁ ପ୍ରସ୍ତୁତି ବୈଠକ

କଣାସ,୧୫।୧(ସମିସ): କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତ ଗଡମାଟିଆପଡା ଗ୍ରାମରେ ପ୍ରତିଷ୍ଠିତ ମହାବୀର ସାଂସ୍କୃତିକ ପରିଷଦ ପକ୍ଷରୁ ଗଡମାଟିଆପଡା ହନୁମାନ ମନ୍ଦିରରେ ଓଡିଆ ନବ ବର୍ଷକୁ ଧୂମଧାମ୍‌ରେ ପାଳନ କରିବାପାଇଁ ଏକ ବୈଠକ ସଭାପତି ତପନ କୁମାର ଚମ୍ପତିରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂପାଦକ ନୀଳଗ୍ରୀବ ଶ୍ରୀଚନ୍ଦନ ପଣା ସଂକ୍ରାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ ଦିନ ପ୍ରାତଃ ସମୟରେ ପୂଜାର୍ଚ୍ଚନା ପରେ ସାଧୁମାନଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ କରିବା ସହିତ ପତ୍ରିକା ଗଡ ପ୍ରଦୀପ ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ଅବସରପ୍ରାପ୍ତ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ଶିକ୍ଷାବିତ୍ କୃପାସିନ୍ଧୁ ବିଶ୍ୱାଳ, ନନ୍ଦକିଶୋର ରାୟ, ଦିନବନ୍ଧୁ ଚମ୍ପତିରାୟ, ପ୍ରଫୁଲ ପଶ୍ଚିମକବାଟ, ରାଜକିଶୋର ମଙ୍ଗରାଜ, ବଂଶୀଧର ବେହେରା, ଯଶବନ୍ତ ମଙ୍ଗରାଜ, ବସନ୍ତ ମଙ୍ଗରାଜ, ବିଜୟ ସାମନ୍ତରାୟ, ବିଭୂତି ଭୂଷଣ ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

ଡେଲାଙ୍ଗ,୧୫।୧(ସମିସ): ଡେଲାଙ୍ଗ ଷ୍ଟେସନ ବଜାର ଭାରତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ନିକଟବର୍ତ୍ତୀ ରାଧାକାନ୍ତ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବକୁ ବିଦ୍ୟାମନ୍ଦିରର ପ୍ରାକ୍ତନ ସଭାପତି ଡ. ବସନ୍ତ କୁମାର ଦାଶ ଉଦଘାଟନ କରିଥିବା ବେଳେ ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ଶରତ କୁମାର ବାରିକ, ଆଚାର୍ଯ୍ୟ ସର୍ବେଶ୍ୱର ବାରିକ, ଟୁକୁନି ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ମମତା ନାୟକ, ଚିନ୍ମୟୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶ୍ରୀକ୍ଷେତ୍ର ମକର ଉତ୍ସବ ଉଦ୍‌ଘାଟିତ



ପୁରୀ,୧୫।୧(ସମିସ): 'ତାଳବଣିଆ ଉନ୍ନୟନ ପରିଷଦ'ର ପ୍ରଥମ ଶ୍ରୀକ୍ଷେତ୍ର ମକର ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଭାରତୀୟ ଜନତା ପାର୍ଟିର ସାଂସ୍କୃତିକ ସଂଯୋଜିକା ତଥା ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ ଅତିଥି ରୂପେ ଯୋଗଦାନ କରିଥିଲେ। ପରିଷଦର ଆବାହକ ଶିବ ପ୍ରସାଦ ମହାନ୍ତି, ସଭାପତି ସିଉ ଜମାରାଓସୁରେଟ୍, କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ, ସମ୍ପାଦକ ସୁଜିତ୍ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଉପାଧ୍ୟକ୍ଷ ଦିଗ୍‌ଦର୍ଶନ ପଟ୍ଟନାୟକ ଓ ଉମାକାନ୍ତ ନାୟକ, ସାଙ୍ଗଠନିକ ଅଧ୍ୟକ୍ଷ ସନାତନ ଦାସ, ସାଂସ୍କୃତିକ ସଂଯୋଜକ ଲକ୍ଷ୍ମୀ ନାରାୟଣ ଦାସ, କାର୍ଯ୍ୟକାରୀ ସଦସ୍ୟା ଅନିତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ସଙ୍ଗୀତ, ଝୋଟି, ଚିତ୍ରକଳା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେତେଜଣ ପ୍ରତିଭାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯିବା ସହିତ ଶ୍ରୀକ୍ଷେତ୍ର ନୃତ୍ୟଶାଳା ପକ୍ଷରୁ ମାହାରୀ ନୃତ୍ୟ ଏବଂ ଶିଶୁ ନୃତ୍ୟଶିଳ୍ପୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଏବଂ ଡକ୍ଟର ସରୋଜିନୀ ପାଣି ସଞ୍ଚାଳନ କରିଥିଲେ। ଏହି ଅବସରରେ ଇଣ୍ଡିଆନ ଆଇଡଲ ବିଜୟିନୀ ଅନନ୍ୟା ଶ୍ରୀତମ ନନ୍ଦ ଚିତ୍ତାକର୍ଷକ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। କେଉଁ ନାମ ଧରି ଡାକିବି ତୁମକୁ ଭଜନରୁ ଅନନ୍ୟା ସଙ୍ଗୀତ ଆରମ୍ଭ କରିଥିଲେ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ



ପୁରୀ,୧୫।୧(ସମିସ): ସ୍ଥାନୀୟ ଜିଲ୍ଲା ସଦ୍‌ଭାବନା ଗୃହରେ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରାୟ ୨୦୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ଲେଖାଏ ବଣ୍ଟାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ୧୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅବଶିଷ୍ଟ ହିତାଧିକାରୀଙ୍କୁ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଭତ୍ତା ବଣ୍ଟନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ଦ୍ଧିତ ଭତ୍ତା ବିଷୟରେ ପ୍ରଧାନମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ତାହା ପ୍ରଦାନ କରାଯାଇଛି। ସେହିପରି ସୁଭଦ୍ରା ଯୋଜନାରେ ଟଙ୍କା ପ୍ରଦାନ କରାଯାଉଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ ଯେଉଁମାନେ ଆସିନାହାନ୍ତି ସେମାନେ ତାଙ୍କ ପଞ୍ଚାୟତ ଅଫିସରୁ ଭତ୍ତା ନେଇପାରିବେ। ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାଗଣା ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ପୌରସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

### ଜମି ବିକ୍ରି-ଖରିଦ୍ ଅସିଦ୍ଧ ଘୋଷଣାକୁ ବିରୋଧ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ପୁରୀ,୧୫।୧(ସମିସ):



ଦୀର୍ଘବର୍ଷ ଧରି ଭୋଗଦଖଲରେ ଥିବା ଜମିର ବିକ୍ରି ଖର୍ଦ୍ଦିକୁ ଅସିଦ୍ଧ ଘୋଷଣା କରିବା ଲାଗି ହୋଇଛି ଯୋଜନା। ଏହାକୁ ବିରୋଧ କରି ବୁଧବାର ଶତାଧିକ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ଯେ ସମଙ୍ଗରା, ବାଟଗାଁ, ବାଲିଗୁଆଳୀ, ମଙ୍ଗରାଜପୁର, ଆଳିକିଆ, ବେଲେଶ୍ୱରପାଟଣା, ବେଲଦଳ, ଭୂଆଁ, ନାଗପାଟଣା, ଖଣ୍ଡିଆବନ୍ଧ ସମେତ ଅନ୍ୟ ୧୦ଟି ଗାଁର ଅଧିବାସୀ ଅଟନ୍ତି। ସେମାନେ ପିତୃପିତାମହଙ୍କ ଅମଳରୁ ପୁରୀ ସଦର ତହସିଲ ଅଧୀନ ସମଙ୍ଗରା, ବାଟଗାଁ, ଆଳିକିଆ, ବାଲୁଖଣ୍ଡ ଏବଂ ଅନ୍ୟାନ୍ୟ ମୌଜାରେ ସେମାନଙ୍କର ଥିବା ଭୂସମ୍ପତ୍ତି ୧୯୨୭-୨୮ ମସିହା ବନ୍ଦୋବସ୍ତ ରେକର୍ଡ ମୁତାବକ ସ୍ଥିତିବାନ ପ୍ରଜା ଥାଇ ତତ୍କାଳୀନ ଜମିଦାରଙ୍କୁ ଭୂରାଜସ୍ୱ ଖଜଣା ପଇଠ ଦେଇ ପୁରୁଷାନୁକ୍ରମେ ଭୋଗଦଖଲ କରି ରହିଆସୁଛନ୍ତି। ଆବଶ୍ୟକସ୍ଥଳେ ଏହି ସମ୍ପତ୍ତିକୁ ଅନ୍ୟମାନଙ୍କୁ ବିକ୍ରି, ବନ୍ଧକ ଆଦି ଦେଇ ଆର୍ଥିକ ଅନଟନ ମେଣ୍ଟାଇ ଆସୁଛନ୍ତି। ୧୯୭୭ ମସିହା ବନ୍ଦୋବସ୍ତ ମୁତାବକ ସମ୍ପୃକ୍ତ ପ୍ରଜାମାନଙ୍କ ନାମରେ ସ୍ଥିତିବାନ ରେକର୍ଡ ପୂରଣ ଥାଇ ଭୋଗ ଦଖଲକାର ଅଛନ୍ତି।

ହେଲେ ୨୦୨୧ ଅକ୍ଟୋବର ୧୦ ତାରିଖଠାରୁ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ମୌଜା ସହ ଅନ୍ୟାନ୍ୟ ମୌଜା ମାନଙ୍କରେ ଥିବା ସ୍ଥିତିବାନ ପ୍ରଜାମାନଙ୍କୁ କୌଣସି ନୋଟିସ୍ ନ ଦେଇ ବିକ୍ରି ଖର୍ଦ୍ଦିକୁ ଅସିଦ୍ଧ ଘୋଷଣା କରି ଶହେ ବର୍ଷର ପ୍ରଜାସ୍ୱତ୍ୱକୁ କାଟି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡ କରାଇ ନେବାକୁ ଅପଚେଷ୍ଟା ଚଳାଇ ଆସୁଅଛନ୍ତି, ଯାହାକି ଓଏଲ୍‌ଆରର ବିରୁଦ୍ଧାଚରଣ କରୁଛି। ଏହାଫଳରେ ପୁରୁଷାନୁକ୍ରମେ ଭୋଗଦଖଲ କରିଆସୁଥିବା ରେକର୍ଡ ପ୍ରଜାମାନଙ୍କର କ୍ଷତି ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ୧୯୭୪ ମସିହା ମାର୍ଚ୍ଚ ୧୮ ତାରିଖ ଜମିଦାରୀ ପ୍ରଥା ଉଚ୍ଛେଦ ଆଇନ ମୁତାବକ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଶା ସରକାରଙ୍କଠାରୁ କ୍ଷତିପୂରଣ ଅର୍ଥ ଗ୍ରହଣ କରିସାରିଥିଲେ ମଧ୍ୟ ସ୍ଥିତିବାନ ପଟ୍ଟାର ଜମିଦାର କଲମରେ ଓଡ଼ିଶା ସରକାରଙ୍କ ନାମ ଦରଜ ନ ଥାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମ ଉଲ୍ଲେଖ ରହିବା, ଯାହାର ତତ୍କାଳୀନ ରାଜସ୍ୱ ବିଭାଗର ଅବହେଳା ଅଟେ। ସେହି ଆଳରେ ଶ୍ରୀମନ୍ଦିର ପ୍ରଶାସନ ସ୍ଥିତିବାନ ସମ୍ପତ୍ତିକୁ ନିଜ ନାମରେ ରେକର୍ଡ କରାଇନେବାକୁ ଅପଚେଷ୍ଟା କରୁଛି।

ପୁରୁଷାନୁକ୍ରମିକ ସ୍ଥିତିବାନ ସମ୍ପତ୍ତିରେ ଭୋଗଦଖଲକାରୀ ପ୍ରଜାମାନେ କେଉଁଭଳି ଭାବେ ଉଚିତ୍ ନ୍ୟାୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଯଦି ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ର କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୫୦ ● ପାଉଣ୍ଡ ୧୦୫.୫୬
- ୟୁରୋ ୮୯.୦୭ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୩,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୦୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୭୨୪.୦୦
- ନିଫ୍ଟି ୨୩,୨୧୩.୨୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଭାରତୀୟ ଅର୍ଥନୀତିକୁ ଝଟ୍‌କା

## ବାଣିଜ୍ୟ କ୍ଷତି ଓ ରପ୍ତାନୀ ହ୍ରାସ; ଆମଦାନୀ ବୃଦ୍ଧି

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** ଅନ୍ତର୍ଜାତୀୟ ସ୍ତରରେ ଟଙ୍କା ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ଦିନକୁ ଦିନ ହ୍ରାସରେ ରେକର୍ଡ କରି ଚାଲିଛି। ଏପରି ସମୟରେ ଭାରତୀୟ ଅର୍ଥନୀତିକୁ ନେଇ ଖରାପ ଖବର ଆସିଛି। ଦେଶରେ ଡିସେମ୍ବରରେ ରପ୍ତାନୀ ହ୍ରାସ ପାଇଥିବାବେଳେ ଆମଦାନୀ ବୃଦ୍ଧି ପାଇଛି। ବାଣିଜ୍ୟ କ୍ଷତି ମଧ୍ୟ ବଢ଼ିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ତଥ୍ୟ ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ। ସେୟାର ବଜାର ମଧ୍ୟ ହ୍ରାସ ପାଇପାରେ। ସରକାରୀ ତଥ୍ୟ ଅନୁଯାୟୀ ସମୀକ୍ଷାଧିନ ଅବଧିରେ ଦେଶର ରପ୍ତାନୀ ଏକ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଆମଦାନୀ ୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହା ଦ୍ୱାରା ବାଣିଜ୍ୟ କ୍ଷତି ଆହୁରି ଅଧିକ ବୃଦ୍ଧି ପାଇଛି। ତେବେ ନଭେମ୍ବର ତୁଳନାରେ ଦେଶରେ ରପ୍ତାନୀ ବୃଦ୍ଧି ପାଇଛି। କିନ୍ତୁ ପୂର୍ବର ବର୍ଷର ସମାନ ଅବଧି ତୁଳନାରେ ହ୍ରାସ ପାଇଛି।



**ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୨୧୦.୭୭ ବିଲିୟନ ଡଲାରର ବାଣିଜ୍ୟିକ କ୍ଷତି**

ରିପୋର୍ଟ ଅନୁଯାୟୀ ଗତ ଡିସେମ୍ବର (ବାର୍ଷିକ ଆଧାରରେ)ରେ ସାମଗ୍ରୀ ରପ୍ତାନୀ ଏକ ପ୍ରତିଶତ ହ୍ରାସ ପାଇ ୩୮.୦୧ ବିଲିୟନ ଡଲାର ରହିଛି। ଏହା ୨୦୨୩ର ସମାନ ଅବଧିରେ ୩୮. ୩୯ ବିଲିୟନ ଡଲାର ଥିଲା। ସେହିପରି ୨୦୨୪ ନଭେମ୍ବରରେ ରପ୍ତାନୀ ୩୨.୧୧ ବିଲିୟନ ଡଲାର ଥିଲା। ୨୦୨୩ର ସମାନ ଅବଧିରେ ୩୩.୭୫ ବିଲିୟନ ଡଲାରର ରପ୍ତାନୀ ହୋଇଥିଲା। ଚିନ୍ତାର ବିଷୟ ଏହି କି ଯେ ସରକାର ମେକ୍ ଇନ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଆଣିଥିଲେ ବି ଭାରତର ରପ୍ତାନୀ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ବୁଧବାର ଜାରି ତଥ୍ୟ ଅନୁଯାୟୀ ବାର୍ଷିକ ଆଧାରରେ ଗତ ଡିସେମ୍ବରରେ ରପ୍ତାନୀ ୪.୮ ପ୍ରତିଶତ ବଢି ୫୯.୯୫ ବିଲିୟନ ଡଲାର ରହିଛି। ଏହା ୨୦୨୩ ଡିସେମ୍ବରରେ ୫୭.୧୫ ବିଲିୟନ ଡଲାର ଥିଲା। ସେହିପରି ଗତ ନଭେମ୍ବରରେ ରପ୍ତାନୀ ୬୯. ୯୫ ବିଲିୟନ ଡଲାର ଥିଲା। ଏହା ୨୦୨୩ ତୁଳନାରେ ୨୭.୪୭ ପ୍ରତିଶତ ଅଧିକ ଥିଲା। ଅର୍ଥାତ୍ ଡିସେମ୍ବରରେ ରପ୍ତାନୀ ଏବଂ ଆମଦାନୀ ମଧ୍ୟରେ ଅଧିକ ତାରତମ୍ୟ ରହିଛି।

ରିପୋର୍ଟ ଅନୁଯାୟୀ ଡିସେମ୍ବରରେ ବାଣିଜ୍ୟ କ୍ଷତି ୨୧.୯୪ ବିଲିୟନ ଡଲାର ଥିଲା। ଚଳିତ ଆର୍ଥିକ ବର୍ଷରେ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ରପ୍ତାନୀ ୧.୬ ପ୍ରତିଶତ ବଢ଼ି ୩୨୧.୭୧ ବିଲିୟନ ଡଲାର ଏବଂ ଆମଦାନୀ ୫.୧୫ ପ୍ରତିଶତ ବଢ଼ି ୫୩୨.୪୮ ବିଲିୟନ ଡଲାର ରହିଥିଲା। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ୨୧୦.୭୭ ବିଲିୟନ ଡଲାର ବାଣିଜ୍ୟ କ୍ଷତି ହେଲାଣି। ଗତ ବର୍ଷ ସମାନ ଅବଧିରେ ଏହା ୧୮୯. ୭୪ ବିଲିୟନ ଡଲାର ଥିଲା। ତେବେ ଏହି ତଥ୍ୟକୁ ନେଇ ବାଣିଜ୍ୟ ସଚିବ ସୁନିଲ ବର୍ଥୱାଲ କହିଛନ୍ତି ଯେ ବସ୍ତୁ ଏବଂ ସେବାରେ ଭାରତର ରପ୍ତାନୀ ଅନ୍ୟ ଦେଶ ତୁଳନାରେ ଭଲ ରହିଛି।

**ମୁଡିସ୍‌ର ଦାବି**

## ଚିନ୍ତା ବଢ଼ାଇବ ରାଜସ୍ୱ ସ୍ଥିତି

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** ଚଳିତ ବର୍ଷ ରାଜସ୍ୱ ସ୍ଥିତି ଭାରତର ଚିନ୍ତା ବୃଦ୍ଧି କରିବ। ଏହା ଦେଶର ଋଣ କ୍ଷମତାକୁ ପ୍ରଭାବିତ କରିବ। ଯଦି ସରକାରଙ୍କ ବ୍ୟୟଠାରୁ ଆୟ କମ୍ ରୁହେ ତେବେ ରାଜସ୍ୱ କ୍ଷତି ହୋଇଥାଏ। ଏହି କ୍ଷତି ଭାରତର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେ।

ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ବୁଧବାର ଜାରି ଏସିଆ ପ୍ୟାସିଫିକ-୨୦୨୫ ରିପୋର୍ଟରେ ଏହି ଦାବି କରାଯାଇଛି। ତେବେ ଆମେରିକା ଏବଂ ଚୀନ୍ ମଧ୍ୟରେ ଲାଗିଥିବା ବାଣିଜ୍ୟିକ ଯୁଦ୍ଧର ଲାଭ ଭାରତକୁ ମିଳିପାରେ ବୋଲି କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଭାରତର ଆର୍ଥିକ ସ୍ଥିତି ୨୦୨୫ରେ ଏହାର କ୍ଷମତାକୁ ପ୍ରଭାବିତ କରିବ। ସମୀକ୍ଷାଧିନ ଅବଧିରେ ଆର୍ଥିକ ଏକତ୍ରୀକରଣ ଧିରେ ଧିରେ ହେବ। ଋଣ ହାର ବିଏଏ ରେଟିଂ ଧାର୍ଯ୍ୟ ମାନଦଣ୍ଡ ୫୭ ପ୍ରତିଶତଠାରୁ ଢେର ଅଧିକ ରହିବ।

ଆକଳନଠାରୁ ଅଧିକ ରହିବ। କିନ୍ତୁ ବିଶ୍ୱସ୍ତରରେ ଏବଂ ଆଞ୍ଚଳିକ ଆର୍ଥିକ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଯୋଗୁଁ ଘରୋଇ ଚାହିଦା ମଜବୁତ ହୋଇଛି। ଏହା ସହିତ ମୁଦ୍ରାସ୍ଫୀତିରେ ମଧ୍ୟ ସାମାନ୍ୟ ହ୍ରାସ ଦେଖା ଦେଇଛି। ଯଦି ଆମେରିକା ଦ୍ୱାରା ପ୍ରସ୍ତାବିତ ବ୍ୟାବସାୟୀକ କଟକଣା କାର୍ଯ୍ୟକାରୀ ହେଲେ ସମ୍ପୂର୍ଣ୍ଣ କ୍ଷେତ୍ରର ଆର୍ଥିକ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇବ। ଏହା ପୂର୍ବରୁ ବଜେଟକୁ ନେଇ ଆଇସିଆରଏ ପକ୍ଷରୁ କୁହାଯାଇଥିଲା

MOODY'S

ଯେ ୨୦୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ନିଅଣ୍ଟ ଜିଡିପିର ୪.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ତେବେ ସରକାର ୨୦୨୫ରେ ଆର୍ଥିକ ନିଅଣ୍ଟକୁ ଜିଡିପିର ୪.୯ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। ମୁଡିସ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଜନକଲ୍ୟାଣ ମୂଳକ ଯୋଜନାକୁ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ ଏହା ଆର୍ଥିକ ଏକତ୍ରୀକରଣ ଧିମା କରିଦେବ।

**ରଘୁରାମ ରାଜନଙ୍କ ଟିପ୍ପଣୀ**

## ଟଙ୍କା ମୂଲ୍ୟ ହ୍ରାସ ପାଇନାହିଁ



**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇ ସବୁଠାରୁ ସର୍ବନିମ୍ନସ୍ତରର ୮୬.୫୯ରେ ପହଞ୍ଚି ଯାଇଛି। ଏହାକୁ ନେଇ ଚିନ୍ତା ଜାରି ରହିଛି। କିନ୍ତୁ ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଏହାକୁ ନେଇ ଚିନ୍ତିତ ନାହାନ୍ତି। ଟଙ୍କା ମୂଲ୍ୟ ହ୍ରାସ ପାଇନାହିଁ, ବରଂ ଆମେରିକା ଡଲାର ମଜବୁତ ହୋଇଛି ବୋଲି ସେ କହିଛନ୍ତି। ଟଙ୍କା ମୂଲ୍ୟ ହ୍ରାସ ପଛରେ କୌଣସି ଘରୋଇ କାରଣ ନାହିଁ। ଡଲାର ମୂଲ୍ୟ ମଜବୁତ ହେବାରୁ ଏପରି ହୋଇଛି। ଏକ ସାକ୍ଷାତକାରରେ ରାଜନ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଟଙ୍କା ଏବଂ ଡଲାର ବିନିମୟ ମୂଲ୍ୟ ଉପରେ ପ୍ରାୟତଃ ସମସ୍ତଙ୍କ ନଜର ଥାଏ। ବାସ୍ତବରେ ଅନ୍ୟ ମୁଦ୍ରା ତୁଳନାରେ ଡଲାର ମଜବୁତ ହେବାରେ ଲାଗିଛି। ୟୁରୋର ମଧ୍ୟ ସ୍ଥିତି ସମାନ ରହିଛି। ଟଙ୍କା ମୂଲ୍ୟ ୮୩ରୁ ୮୬କୁ ଖସିବାକୁ ମଧ୍ୟମଧରଣର ହ୍ରାସ କୁହାଯାଇପାରେ। ବର୍ତ୍ତମାନ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ତାହା କେବଳ ଡଲାର ପାଇଁ। ଏହା ପଛରେ ନୂଆ ସରକାର, ମାର୍କେଟ ଚାହିଦା ସହିତ ଅନ୍ୟ କାରଣ ମଧ୍ୟ ସାମିଲ ରହିଛି।

## ଏଲ୍‌ଟିସିରେ ବନ୍ଦେ ଭାରତ, ତେଜସ୍ ଏକ୍ସପ୍ରେସ୍‌ରେ କରିପାରିବେ ଯାତ୍ରା

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କୁ ଭେଟି ଦେଇଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କୁ ଲିଭ୍ ଟ୍ରାଭେଲ କନ୍‌ସେସନ (ଏଲ୍‌ଟିସି) ମାଧ୍ୟମରେ ତେଜସ୍, ବନ୍ଦେ ଭାରତ ଏବଂ ହମ୍‌ସଫର ଏକ୍ସପ୍ରେସ ଟ୍ରେନ୍‌ରେ ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି। ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀଙ୍କ ଆବେଦନ ପରେ କେନ୍ଦ୍ର କାର୍ମିକ ବିଭାଗ (ଡିଓପିଟି) ପକ୍ଷରୁ ଏହି ଘୋଷଣା କରାଯାଇଛି। ବ୍ୟୟ ବିଭାଗ ସହ ମିଶି ଡିଓପିଟି ଏହି ନିୟମକୁ ସମୀକ୍ଷା କରୁଛି। ଡିଓପଟି ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ ଏଥର କେନ୍ଦ୍ର କର୍ମଚାରୀ ଏଲ୍‌ଟିସି ମାଧ୍ୟମରେ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ ସହିତ ତେଜସ, ବନ୍ଦେ ଭାରତ ଏବଂ ହମ୍‌ସଫର ଟ୍ରେନ ମାଧ୍ୟମରେ ଯାତ୍ରା କରିପାରିବେ। ଏଲ୍‌ଟି ଯୋଜନାରେ ଯୋଗ୍ୟ କେନ୍ଦ୍ର କର୍ମଚାରୀଙ୍କୁ ଦରମା ସହିତ ଛୁଟି ମିଳିଥାଏ। ଟିକେଟ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଇଥାଏ। ଏହା ମାଧ୍ୟମରେ କେନ୍ଦ୍ର କର୍ମଚାରୀଙ୍କୁ ଅଧିକ ସୁବିଧା ସହିତ ଦ୍ରୁତ ଯାତାୟତ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

**କେନ୍ଦ୍ରୀୟ କର୍ମଚାରୀଙ୍କୁ ଭେଟି**

## ବେଦାନ୍ତ ଆଲୁମିନିୟମ ଜିଏଚ୍‌ଜି ନିର୍ଗମନରେ ୨୮% ହ୍ରାସ

**ଭୁବନେଶ୍ୱର, ୧୫।୧ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନୂଆ ମାନଦଣ୍ଡ ପ୍ରତିଷ୍ଠା କରିଛି। କମ୍ପାନୀ ଏହାର ଆର୍ଥିକ ବର୍ଷ ୨୦୧୨ ମୂଳସୀମା ତୁଳନାରେ ୨୮.୫% ଦ୍ୱାରା ଗ୍ରୀନହାଉସ୍ ଗ୍ୟାସ (ଜିଏଚଜି) ନିର୍ଗମନ ତୀବ୍ରତା ହ୍ରାସ କରି ସ୍ଥାୟୀତ୍ୱ ଆଡକୁ ଯାତ୍ରାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ସଫଳତା ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସ ଏବଂ ନେଟ୍ ଶୂନ୍ୟ ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣ ପ୍ରତି କମ୍ପାନୀର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। କମ୍ପାନୀର ସ୍ଥାୟୀତ୍ୱ ଯାତ୍ରା ଏବଂ ସଫଳତାଗୁଡ଼ିକୁ ଏହାର ସର୍ବଶେଷ ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ ରେ ବ୍ୟାପକ ଭାବରେ ଆବଣ୍ଟିତ କରାଯାଇଛି, ଯାହାକି ପରିବେଶଗତ ପରିଚାଳନା, ଶାସନ ଏବଂ ସାମୁଦାୟିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଉଲ୍ଲେଖ କରିଛି। କମ୍ପାନୀର ସମ୍ପ୍ରଦାୟ ପ୍ରଭାବ ପ୍ରୟାସ ଦୃଢ଼ ରହିଛି। ବିଭିନ୍ନ ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ୧.୧ ବିଲିୟନ ଟଙ୍କା ଆବଣ୍ଟିତ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଦେଶର କିଛି ପଛୁଆ ଅଞ୍ଚଳର ୨୬୯ଟି ଗ୍ରାମର ପ୍ରାୟ ୬୦୦, ୦୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ଏହି ଧ୍ୟାନ ସହିତ, ବେଦାନ୍ତ ଆଲୁମିନିୟମ୍ ସାମାଜିକ ସମାନତା ବୃଦ୍ଧି କରିଚାଲିଛି। ଏହା ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛି ସେହି ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ ଦେଉଛି।

ବେଦାନ୍ତର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ 'ପରିବର୍ତ୍ତନ ପାଇଁ ଭଲ' ଦର୍ଶନକୁ ଗ୍ରହଣ କରି ଗର୍ବୀତ। ଏହା ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସମର୍ଥକ ଭାବରେ, ଆଲୁମିନିୟମ୍ ଉତ୍ପାଦନ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଆବଶ୍ୟକ କରେ। ଇଏସ୍‌ଜି ନୀତି ଦ୍ୱାରା ପରିଚାଳିତ ୨୦୫୦ ସୁଦ୍ଧା କମ୍ପାନୀ କାର୍ବନ ନିରପେକ୍ଷତା ହାସଲ କରିବା ପାଇଁ ସମର୍ପିତ। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ କମ୍ପାନୀର ସ୍ଥାୟୀତ୍ୱ ଆମେ ଯାହା କରୁଛୁ ତାହାର ମୂଳରେ ରହିଛି। ଆମର ପ୍ରୟାସର ପ୍ରମାଣ ସ୍ୱରୂପ, ଆମେ ଏସଏଣ୍ଡପିଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଗର୍ବିତ।

ରିପୋର୍ଟରେ କୁହାଯାଇଛି ଯେ ବେଦାନ୍ତ ଆଲୁମିନିୟମ ୧୦.୧୭% ପୁନରୁଦ୍ଧାର ଆଲୁମିନିୟମରେ ନିର୍ମିତ ରେଷ୍ଟୋରା ଏବଂ ରେଷ୍ଟୋରା ଅଲଟ୍ରା, କମ୍-କାର୍ବନ ଆଲୁମିନିୟମ ଉତ୍ପାଦ ଲଞ୍ଚ କରିଛି, ଯାହାକି କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ୨୦୨୧ ତୁଳନାରେ ୨୦୨୪ରେ ଜିଏଚଜି ନିର୍ଗମନ ତୀବ୍ରତା ୧୦% ହ୍ରାସ କରିଛି। ଉତ୍ପାଦିତ ପାଉଁଶର ୧୩୩% ବ୍ୟବହାର ହାସଲ କରିଛି। ୧.୩ ବିଲିୟନ ୟୁନିଟ୍ ନବୀକରଣୀୟ ଶକ୍ତି ଉତ୍ସ ପାଇଛି, ଯାହା ମୋଟ ଶକ୍ତି କ୍ରୟର ୩.୭%। ୨୦୨୪ରେ ୧୫ ବିଲିୟନ ଲିଟରରୁ ଅଧିକ ପାଣି ପୁନଃଚକ୍ରିତ କରିଛି ଏବଂ ୧.୩ ନିୟୁତ ଶକ୍ତି ସଞ୍ଚୟ କରିଛି। ଖଣି-ମୁକ୍ତ ଅଞ୍ଚଳଗୁଡ଼ିକର ପ୍ରଗତିଶୀଳ ପୁନରୁଦ୍ଧାର ପାଇଁ ୧.୩ ନିୟୁତରୁ ଅଧିକ ଦେଶୀ ଚାରା ରୋପଣ କରିଛି। ପ୍ରତିଦିନ ୨୦ ଟନ୍ ବାୟୋମାସ ବ୍ରିକେଟ ବ୍ୟବହାର କରିଛି, ବାର୍ଷିକ ୧୦, ୦୦୦ ଟନ୍ ସିଓ୨ ଜିଏଚଜି ନିର୍ଗମନକୁ ହ୍ରାସ କରିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପରିମଳ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ମହିଳା ଏବଂ ଶିଶୁଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। କର୍ମଶକ୍ତି ମଧ୍ୟରେ ୧୯% ଲିଙ୍ଗଗତ ବିବିଧତା ହାସଲ କରିଛି।

## ନିବେଶକମାନଙ୍କୁ ସତର୍କ କରାଇଲା 'ଏଞ୍ଜେଲ ୱାନ୍'




**ଭୁବନେଶ୍ୱର, ୧୫।୧ (ଏଜେନ୍ସି):** ଫିନ୍‌ଟେକ୍ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଏଞ୍ଜେଲ୍ ୱାନ୍ ପକ୍ଷରୁ ବୃଦ୍ଧି ପାଉଥିବା ଠକାମି ସୋସିଆଲ ମିଡିଆଗ୍ରୁପ୍‌ରେ ଏଞ୍ଜେଲ୍ ୱାନର ନାମ ଓ ବରିଷ୍ଠ ଏକ୍‌ଜିକ୍ୟୁଟିଭ୍ ଭାବେ ନକଲି ପରିଚୟ ଦିଆଯାଉଥିବା ସମ୍ପର୍କରେ ନିବେଶକମାନଙ୍କୁ ସତର୍କ କରାଯାଇଛି। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅନଧୀକୃତ ଗ୍ରୁପ୍ ସୃଷ୍ଟି କରି ଏଞ୍ଜେଲ୍ ୱାନ୍ ସହ ସମ୍ପର୍କ ଥିବା ଦାବି କରି ଅଧିକ ରିଟର୍ଣ୍ଣ ପ୍ରତିଶ୍ରୁତି ଦିଆଯାଉଥିବା କମ୍ପାନୀ ଜାଣିବାକୁ ପାଇଛି। ଏହାକୁ ଗୁରୁତର ସହ ନେଇ ସିକ୍ୟୁରିଟି ବଜାରରେ ଅନଧିକୃତ ନିବେଶ ପରାମର୍ଶ ପ୍ରଦାନ କରିବା କିମ୍ବା ରିଟର୍ଣ୍ଣ ଗ୍ୟାରେଂଟି ଦେବା କଡ଼ାକଡ଼ି ଭାବେ ନିଷିଦ୍ଧ ଏବଂ ନିବେଶକମାନଙ୍କୁ ଯଥେଷ୍ଟ ତତ୍ପରତା ଅବଲମ୍ବନ କରିବାକୁ ଏବଂ ଯୋଗାଯୋଗର ସତ୍ୟତା ଯାଞ୍ଚ କରିବାକୁ ଅନୁରୋଧ କରିଛି। ଆଞ୍ଜେଲ୍ ୱାନ୍ ଲିମିଟେଡ୍‌ର କୌଣସି ନକଲି ଆପ୍ଲିକେସନ୍, ୱେବ୍ ଲିଙ୍କ୍ କିମ୍ବା ଘରୋଇ ହ୍ୱାଟ୍ସଆପ୍ ତଥା ଟେଲିଗ୍ରାମ ଗ୍ରୁପ୍ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ସମ୍ପର୍କ ନାହିଁ ଏବଂ ଜାଲିଆତି ଆପ୍ଲିକେସନ୍ କିମ୍ବା ୱେବ୍ ଲିଙ୍କ୍ ସହିତ କାରବାର ଯୋଗୁଁ କୌଣସି ଆର୍ଥିକ କ୍ଷତି କିମ୍ବା ପରିଣାମ ପାଇଁ ଦାୟୀ ରହିବ ନାହିଁ ବୋଲି ଏଞ୍ଜେଲ୍ ୱାନ୍ ପକ୍ଷରୁ କୁହାଯାଇଛି।

## ଟିପିସିଓଡିଏଲ୍‌ର ଢେଙ୍କାନାଳ ଡିଭିଜନ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ୧୫।୧ (ସମିସ):** ଟିପିସିଓଡିଏଲ୍ ଏହାର 'ମିଶନ ଜୀବନ' କାର୍ଯ୍ୟକ୍ରମ ଅଧୀନରେ ଢେଙ୍କାନାଳରେ ଏକ ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରିଛି। ଜିଲ୍ଲା ରକ୍ତଭଣ୍ଡାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଢେଙ୍କାନାଳ ସହିତ ମିଳିତ ସହଯୋଗରେ ଏହାକୁ ଆୟୋଜନ କରାଯାଇଛି । ଏହି ଶିବିରରୁ ପ୍ରାୟ ଶହେ ୟୁନିଟ ରକ୍ତ ସଂଗୃହିତ ହୋଇଛି ।ନୂତନ ବର୍ଷର ଆରମ୍ଭରେ ଏହି କାର୍ଯ୍ୟକ୍ରମ କମ୍ପାନୀର ଏକ ମହାନ ଉଦ୍ଦେଶ୍ୟ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। କର୍ମଚାରୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ସମାଜ କଲ୍ୟାଣରେ ଯୋଗଦାନ ଦେଇଥିଲେ। ଏହି ପଦକ୍ଷେପ ସମାଜ ସହ ଟିପିସିଓଡିଏଲର ସମ୍ପର୍କକୁ ସୁଦୃଢ଼ କରିବା ସହିତ ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱର ଶକ୍ତିକୁ ଆଲୋକିତ କରିଥିଲା। ଏହା ସଂଗଠନର ପ୍ରତିଦାନ ଏବଂ ଏକ ସକାରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବା ପ୍ରତି ସମର୍ପିତତାକୁ ପୁନଃନିର୍ଦ୍ଦେଶିତ କରେ।




## ଜେଏସ୍‌ଡବ୍ଲ୍ୟୁର 'ସେୟାର ଦ ୱାର୍ମଥ୍ ଡ୍ରାଇଭ'




**ଭୁବନେଶ୍ୱର, ୧୫।୧ (ଏଜେନ୍ସି):** ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସହାୟତା କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ବିପିସିଏଲର ସିଏସଆର ଶାଖା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡସେନ ପକ୍ଷରୁ ସମ୍ବଲପୁର ଏବଂ ଝାରସୁଗୁଡ଼ାରେ 'ସେୟାର ଦ ୱାର୍ମଥ ଡ୍ରାଇଭ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗରିବଙ୍କୁ ଶୀତରୁ ସୁରକ୍ଷା ଦେବା ପାଇଁ ୩୫୦ କମ୍ବଳ ବଣ୍ଟନ କରାଯାଇଛି। ଝାରସୁଗୁଡ଼ାର ବନଜାରି, ଭୁଲିଆଡିହି, ଡ. ଇସାକ ସାନ୍ତ୍ରା ବାଲ୍ ନିକେତନ, ରେଡ କ୍ରସ୍ ପାର୍ବତୀ ଗିରି ମାତୃ ଭବନ, ରୁକ୍ମିଣୀ ଲାଥ ବାଲ ନିକେତନ ଚାଇଲ୍ଡ କେୟାର ସେଣ୍ଟର ଏବଂ ସାମର୍ଥ ମେଣ୍ଟାଲ ହୋମ୍ ସେଲ୍ଟର ଆଦିରେ ଏଗୁଡିକୁ ବଣ୍ଟନ କରାଯାଇଛି। ବୟସ୍କ, ଶିଶୁ ଏବଂ ଆଶ୍ରୟ ସ୍ଥଳରେ ଏକାକୀ ରହୁଥିବା ଲୋକଙ୍କୁ କମ୍ବଳ ପ୍ରଦାନ କରି ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ସମାଜ କଲ୍ୟାଣ ପ୍ରତି ନିଜ ପ୍ରତିବଦ୍ଧତା ପ୍ରକାଶ କରିଛି। ଏଭଳି ଶୀତରେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଧିବାସୀ ଏବଂ ସଂଗଠନଗୁଡିକ ଖୁବ୍ ପ୍ରଶଂସା କରୁଛନ୍ତି। ଏହା ମାଧ୍ୟମରେ ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତ ଏବଂ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାକୁ ଜେଏସ୍‌ଡବ୍ଲ୍ୟୁ ଲକ୍ଷ୍ୟ ରଖିଛି।

## ୫% କର୍ମଚାରୀଙ୍କୁ ବାହାର କରିବ ମେଟା

**ଭଲ କାମ କରୁ ନ ଥିବା ୩୬୦୦ କର୍ମଚାରୀ ବିଦାହେବେ**

**ୱାଶିଂଟନ, ୧୫।୧ (ଏଜେନ୍ସି):** ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକ ଏବଂ ହ୍ୱାଟ୍‌ସଆପ୍‌ର ପ୍ୟାରେଣ୍ଟ କମ୍ପାନୀ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହି କମ୍ପାନୀ ପ୍ରଦର୍ଶନ ଆଧାରରେ ୩୬୦୦ କର୍ମଚାରୀଙ୍କୁ ବାହାର କରିବ। ପ୍ରଦର୍ଶନ ଆଧାରିତ ଛଟେଇ ମାଧ୍ୟମରେ ମେଟା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କମ୍ପାନୀର ସିଇଓ ମାର୍କ ଜୁକରବର୍ଗ କହିଛନ୍ତି ଯେ ଏହା ଦ୍ୱାରା କମ୍ପାନୀର ପ୍ରାୟ ୫ ପ୍ରତିଶତ କର୍ମଚାରୀ ପ୍ରଭାବିତ ହେବେ। ଚଳିତ ବର୍ଷ ସେପ୍ଟେମ୍ବରର ତଥ୍ୟ ଅନୁଯାୟୀ ମେଟାରେ ପ୍ରାୟ ୭୨ ହଜାର କର୍ମଚାରୀ କାମ କରୁଛନ୍ତି। କମ୍ପାନୀ ଫେବୃଆରୀ ୧୦ ତାରିଖ ସୁଦ୍ଧା ଆମେରିକାରେ କାମ କରୁଥିବା କର୍ମଚାରୀଙ୍କୁ ଏବଂ ପରେ ଅନ୍ୟ କର୍ମଚାରୀଙ୍କୁ ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇପାରେ। ଏହା ପୂର୍ବରୁ ମେଟା ୨୦୨୩ରେ ୧୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ କର୍ମଚାରୀଙ୍କୁ ପଠାଇଥିବା ମେମୋରେ ଜୁକରବର୍ଗ କହିଛନ୍ତି ଯେ କମ୍ପାନୀ ପ୍ରଦର୍ଶନ ପରିଚାଳନା ପ୍ରକ୍ରିୟାକୁ ଦ୍ରୁତ କରିବାକୁ ଚାହୁଁଛି। ସେ ଭଲ ପ୍ରଦର୍ଶନ କରୁ ନ ଥିବା କର୍ମଚାରୀଙ୍କୁ ଖୁବଶୀଘ୍ର ହଟାଇବାକୁ ଚାହୁଁଛନ୍ତି। ଗତ ବର୍ଷେ ହେଲା କମ୍ପାନୀ ଭଲ ପ୍ରଦର୍ଶନ କରୁନାହିଁ। କିନ୍ତୁ ଏବେ ଛଟେଇର ସମୟ ଆସିଯାଇଛି। ବର୍ଷେ ଭିତରେ ଭଲ ପ୍ରଦର୍ଶନ କରି ନ ଥିବା କର୍ମଚାରୀଙ୍କୁ ହଟାଇ ଦିଆଯିବ। ଛଟେଇ ସହିତ କମ୍ପାନୀ ନୂଆ ନିଯୁକ୍ତି କରିବାକୁ ମଧ୍ୟ ଯୋଜନା କରୁଛି। ଭବିଷ୍ୟତର ବିକାଶ ଏବଂ ନବୋନ୍ମେଷ ପାଇଁ ପ୍ରସ୍ତୁତି ନିମନ୍ତେ ଏହା ଜରୁରୀ ବୋଲି ଜୁକରବର୍ଗ ଭାବୁଛନ୍ତି। ଆଗାମୀ ଦିନରେ କମ୍ପାନୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ସ୍ମାର୍ଟ ଗ୍ଲାସ୍ ଏବଂ ବିକଶିତ ହେଉଥିବା ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଅଧିକ ଗୁରୁତ୍ୱ ଦେବ।




**୨୦୨୩ରେ ୧୦ ହଜାର କର୍ମଚାରୀଙ୍କୁ ହଟାଇ ଥିଲା ମେଟା**

ସକାଳ
THE SAKALA



www.sakalaepaper.com

## ନିଘୋଡ଼ ନିଦ୍ରାରେ ଆଞ୍ଚଳିକ ପରିବହନ ବିଭାଗ

# ସିଡିଏମ୍‌ଓଙ୍କ ଗାଡ଼ିର ବି ବୀମା ଓ ଫିଟନେସ୍ ନାହିଁ

ନୟାଗଡ଼, ୧୫ା୧(ସମିସ)

ନୟାଗଡ଼ ପୌର ପରିଷଦ ଅଧିନସ୍ଥ ଆହାର କେନ୍ଦ୍ର ଗାଡ଼ି ଓ ସଫେଇ ଗାଡ଼ି ଗୁଡ଼ିକର ବୀମା ଓ ଅନ୍ୟାନ୍ୟ କାଗଜପତ୍ର ଠିକ ନଥିବା ନେଇ ସକାଳରେ ଖବର ପ୍ରକାଶ ପରେ ତନାଘନା ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜଣେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଚଢୁଥିବା ଗାଡ଼ି ଗୁଡ଼ିକର କାଗଜପତ୍ର ଠିକ ନଥିବା ଦେଖାଯାଇଛି। ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଟେଣ୍ଡର ଜରିଆରେ ସିଡିଏମ୍‌ଓଙ୍କ ଯାତାୟାତ ପାଇଁ ଟେଣ୍ଡର ଜରିଆରେ ବ୍ୟବହାର ହେଉଥିବା ଓଡି ୦୨-ବିଜେଡ୍ ୩୬୯୫




ସର୍ପିଓ ଗାଡ଼ିର ୨୦୨୪ ମସିହା ମେ' ମାସରୁ ଫିଟନେସ ନଥିବା ଏବଂ ୨୦୨୩ ମସିହା ଅପ୍ରେଲ ମାସରୁ ବୀମା ହୋଇନଥିବା ଜଣାପଡ଼ିଛି। ଏପରିକି ୨୦୨୩ ମସିହା ମେ'ମାସରୁ ପଲ୍ୟୁସନ ହୋଇନଥିବା ଦେଖିବାକୁ ମିଳିଛି। ସେହିଭଳି ଭାବେ ଜନସ୍ୱାସ୍ଥ୍ୟ ଅଧିକାରୀ ଚଢୁଥିବା ଓଡି ୨୫ କେ-୭୧୭୧ ଗାଡ଼ିର ୨୦୨୪ ଅଗଷ୍ଟରୁ ଫିଟନେସ ଓ ବୀମା ନଥିବା ଜଣାପଡ଼ିଛି। ସେହିଭଳି ଭାବେ ରକ୍ତ ସଂଗ୍ରହ ପାଇଁ ବ୍ୟବହାର ହେଉଥିବା ଭ୍ୟାନ ଓଡି୦୨ ବିକ୍ୟୁ-୬୭୫୩ ଗାଡ଼ିର ୨୦୨୩ ଡିସେମ୍ବରରୁ ଫିଟନେସ୍ ନଥିବା ଏବଂ ୨୦୧୨ରୁ ବୀମା ହୋଇନଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରେ, ସେ ଏ ସମ୍ପର୍କରେ ଶୁଣି ଆଶ୍ଚର୍ଯ୍ୟ ହେବା ସହ ମୁଁ ତୁରନ୍ତ ପଦକ୍ଷେପ ନେଉଛି ବୋଲି କହିଛନ୍ତି। ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ, ଟେଣ୍ଡର ଜରିଆରେ ଗାଡ଼ି ଲଗାଇଥିବା ମାଲିକ ନିହାତି ଏହାକୁ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଛନ୍ତି।

## କାର୍‌କୁ ପିଟିଲା ବାଇକ୍; ଜଣେ ମୃତ

**ନୟାଗଡ଼, ୧୫ା୧(ସମିସ):** ନୟାଗଡ଼ ସଦରଥାନା ଅଧିନସ୍ଥ ଦୁରୁଦୁରା ଗାଁ ନିକଟ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଥିବା ବ୍ରିଜ ନିକଟରେ ଏକ ବାଇକ ଓଭରଟେକ୍ ବେଳେ କାରକୁ ମାଡ଼ କରିଛି। ଏଥିରେ ବାଇକ ଚାଳକ ଡିମିରିଝରି ଗାଁର ହାଲୁରି ନାୟକଙ୍କ ମୃତ୍ୟୁ ଘଟିଛି। ତୁମୁଡିବନ୍ଧ ଅଞ୍ଚଳର କିଛି ବ୍ୟକ୍ତି ନୟାଗଡ଼କୁ ଏକ ଦଶାହ କାର୍ଯ୍ୟରେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବାଇକ ଚାଳକଙ୍କୁ ତୁରନ୍ତ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କାର ଡ୍ରାଇଭର ସଦରଥାନାରେ ଆତ୍ମସମର୍ପଣ କରିଛନ୍ତି। ସଦର ଥାନା ପକ୍ଷରୁ କାର ଓ ବାଇକକୁ ଜବତ କରାଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ

**ଗଣିଆ/ଆଡ଼କଟା, ୧୫ା୧(ସମିସ):** ଗଣିଆ ବ୍ଲକସ୍ଥିତ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ସଲୀଳା ସେଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଶାନ୍ତିଲତା ବେହେରା ସଂଯୋଜନା କରିଥିବାବେଳେ ତାଲିମଦାତା ଭାବେ ଅଙ୍କିତା ରଣା ଯୋଗଦାନ କରିଥିଲେ। ଏହି ଶିବର ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ବଘାର, ଅଧ୍ୟାପିକା ଦୀପ୍ତିମୟୀ ବେହେରା, ଅଧ୍ୟାପକ ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ଅଧ୍ୟାପକ ପ୍ରଶନ୍ନ ସାହୁ, ଯୋଗ ଶିକ୍ଷକ ଶେଷଦେବ ରାଉତଙ୍କ ସମେତ ଭରତ ଚନ୍ଦ୍ର ସାହୁ, ଜଗନ୍ନାଥ ମିଶ୍ର ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମା' ବାଉରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଖଣ୍ଡପଡ଼ା, ୧୫ା୧(ସମିସ):** ଖଣପଡ଼ା ସହରାଞ୍ଚଳ ବାଇପାସ୍ ରୋଡ଼ ପାର୍ଶ୍ୱସ୍ଥ ମା' ବାଉରୀ ଠାକୁରାଣୀଙ୍କ ପୀଠରେ ଦୁଇଦିନ ଧରି ମକର ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଅଧୀନ ଗଡ଼ଭିତର ସାହିର ମା' ବାଉରୀ କ୍ଲବ ସଦସ୍ୟ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶରଣକୂଳ ଲଡୁବାବା ନାଟ୍ୟ ସଂସଦ ଦ୍ୱାରା ପୌରାଣିକ ଗୀତିନାଟ୍ୟ 'ଭକ୍ତ ପ୍ରହ୍ଲାଦ' ପରିବେଷଣ କରାଯାଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୧୯୮୯ ମସିହାରୁ ମା ବାଉରୀ କ୍ଲବ ଆନୁକୂଲ୍ୟରେ ଏହିଠାରେ ରାସ ପୂର୍ଣ୍ଣିମା ଯାତ୍ରା ସହିତ ୨୦୧୪ ମସିହାରୁ ମକର ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରତ୍ୟକ ବର୍ଷ ଅନୁଷ୍ଠିତ ହୋଇଆସୁଅଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଙ୍କ ଦୃଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଦୀନବନ୍ଧୁ ଦାସ, ତ୍ରିଲୋଚନ ପଢ଼ିଆରୀ, ସୁଦାମ ଚରଣ ମାଝି, ଅଶୋକ କୁମାର ପ୍ରଧାନ, ଅକ୍ଷୟ କୁମାର ଦାସ, ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ମା' ବାଉରୀ କ୍ଲବର ସମସ୍ତ ସଦସ୍ୟ ବନ୍ଧୁମାନେ ପୂର୍ଣ୍ଣ ସହାୟତା କରିଥିଲେ। ଆସନ୍ତା ବର୍ଷ ବ୍ୟାପକ ଭାବରେ ମକରଯାତ୍ରା କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଦୀନବନ୍ଧୁ ଦାସଙ୍କ ଠାରୁ ପ୍ରକାଶ।

● ଧାନକିଣାରେ ଅନିୟମିତତା; ଏଫ୍‌ଏକ୍ୟୁ ନାଁରେ ଚାଷୀଙ୍କୁ ଶୋଷଣ

# ମଣ୍ଡିରେ ଚାଲିଛି ୭ରୁ ୧୦ କେଜି କଟ୍‌ନୀ ଛଟ୍‌ନୀ

**ନୟାଗଡ଼, ୧୫ା୧(ସମିସ):** ନୟାଗଡ଼ ଜିଲ୍ଲାରେ ବହୁ ବିଳମ୍ବ ହେଲେ ବି ଜାନୁୟାରୀ ୭ ତାରିଖରେ ଧାନକିଣା ଶୁଭାରମ୍ଭ ହୋଇଥିବା ବେଳେ ଗୋଟିଏ ସପ୍ତାହ ଧାନ କିଣା ହୋଇପାରିନାହିଁ। ଜିଲ୍ଲାରେ ୭ ଦିନ ମଧରେ ୬୬ କ୍ୱିଣ୍ଟାଲ ଧାନ ଜଣେ ମାତ୍ର ଚାଷୀ ବିକ୍ରି କରିଥିବା ବେଳେ ୧୫ ତାରିଖ ଜିଲ୍ଲାର ୪ଟି ପ୍ୟାକ୍ସରେ ଧାନ କିଣା ଆରମ୍ଭ ହୋଇଛି। ଏହି ପ୍ୟାକ୍ସ ଗୁଡ଼ିକ ମଧ୍ୟରୁ ଏକାଧିକ ପ୍ୟାକ୍ସରେ କ୍ୱିଣ୍ଟାଲ ପିଛା ୧୦ କେଜି କଟନୀ ଛଟନୀରେ ଧାନକିଣା ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀ ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ବାଚନ ମଣ୍ଡଳୀରେ ଏହି ୧୦ କେଜି କଟନୀ ଛଟନୀ ବ୍ୟବସ୍ଥାକୁ ପ୍ରଥମେ ଲାଗୁ କରାଯାଇଛି। ନୟାଗଡ଼ ଜିଲ୍ଲାରେ ଏଫଏକ୍ୟୁ ମାନର ଧାନ ନଥିବାବେଳେ ଚଳିତବର୍ଷ ମଣ୍ଡି ବ୍ୟବସ୍ଥାକୁ ସରକାର କଡ଼ାକଡ଼ି କରିଛନ୍ତି। ପ୍ୟାକ୍ସ ଗୁଡ଼ିକୁ ମଣ୍ଡି ପରିଚାଳନା ଦାୟିତ୍ୱ ଦିଆଯାଇଥିବା ବେଳେ ମିଲରମାନେ ଧାନକିଣାକୁ ନେଇ ସାଂଘାତିକ ଷଡ଼ଯନ୍ତ୍ର ରଚିଛନ୍ତି। ଜିଲ୍ଲାରେ ଦୁଇ ପ୍ରକାର ଧାନ ଅମଳ ହୋଇଛି। ବର୍ଷା ପୂର୍ବରୁ ଭଲ ଧାନ ଅମଳ ହୋଇଥିଲା। ଲଗାଣ ବର୍ଷା ପରେ ଓଦା ଧାନ ଚାଷୀ ଅମଳ କରିଛି। ଫଳରେ ମିଲରମାନେ ଧାନ ଅତ୍ୟନ୍ତ ନିମ୍ନମାନର କରି ଧାନକିଣାକୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ପ୍ୟାକ୍ସ ଗୁଡ଼ିକ ଧାନକିଣାକୁ ନେଇ ରିସ୍କ ନେବାକୁ ଚାହୁଁନାହାନ୍ତି। ମିଲର ସହ ଚାଷୀ ବୁଝାମଣା କରି ଧାନ ବିକ୍ରି କରିବାକୁ ବିଭିନ୍ନ ପ୍ୟାକ୍ସରେ କୁହାଯାଉଛି। ଫଳରେ ଜିଲ୍ଲାର କିଛି ସ୍ଥାନରେ ୧୦ କେଜି ତ ପୁଣି କିଛି ସ୍ଥାନରେ କ୍ୱିଣ୍ଟାଲ ପିଛା ୧୨ କେଜି କଟନୀ ଛଟନୀରେ ଧାନକିଣା ପାଇଁ ଯୋଜନା ପ୍ରସ୍ତୁତ ସରିଛି। କିଛି ସ୍ଥାନରେ ଆଜି ଭଲଧାନ ୫ କେଜି ଓ ଓଦା ଧାନ ୭ କେଜି କଟନୀ ଛଟନୀରେ ଧାନକିଣା ଆରମ୍ଭ ହୋଇଛି। ମଣ୍ଡିକୁ କେବଳ ଏଫ୍‌ଏକ୍ୟୁ ମାନର ଧାନ ଆଣିବାକୁ ପ୍ୟାକ୍ସ ପକ୍ଷରୁ କୁହାଯାଉଛି। ଯାହାକୁ ନେଇ ଚାଷୀ ବାଧ ହୋଇ ମିଲର ସହ ବୁଝାମଣା କରି ଧାନକୁ କଟନୀ ଛଟନୀ କରି ବିକ୍ରି କରିବା ପ୍ରଚେଷ୍ଟାରେ ରହିଛି।

ଘଟଣା ସମ୍ପର୍କରେ ସବୁ ଜାଣି ଜିଲ୍ଲା ପ୍ରଶାସନ ଚୁପ୍ ବସିଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ। ଅନ୍ୟପକ୍ଷେ, ନୟାଗଡ଼ ବ୍ଲକର ସମସ୍ତ ପ୍ୟାକ୍ସକୁ ନେଇ ଆଜି ବ୍ଲକ ସଭାଗୃହରେ ଏକ ବୈଠକ ପାଇଁ ସ୍ଥିର ହୋଇଥିଲା। ନୟାଗଡ଼ ବ୍ଲକରେ ଧାନକିଣା ଆଦୌ ଆରମ୍ଭ ହୋଇନଥିବାରୁ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ସମସ୍ତ ପ୍ୟାକ୍ସ ସମ୍ପାଦକ, ସରକାରୀ କର୍ମଚାରୀଙ୍କୁ ଆଲୋଚନା ପାଇଁ ଡାକିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ବୈଠକ ବାତିଲ ହୋଇ ଆସନ୍ତାକାଲି ବସିବାକୁ ସ୍ଥିର ହୋଇଛି। ଜିଲ୍ଲାରେ ୧୫୩ ପ୍ୟାକ୍ସ ଅଧିନରେ ୧୬୬ଟି ଧାନମଣ୍ଡି ରହିଛି। ଏବେ ସୁଦ୍ଧା ମାତ୍ର ୭ଟି ସ୍ଥାନରେ ମଣ୍ଡି ଆରମ୍ଭ ହୋଇଛି। ଜିଲ୍ଲାରେ ୫୩ ହଜାର ୮୩୯ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜିକରଣ କରିଛନ୍ତି। କଟନୀ ଛଟନୀ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରେ, ମୁଁ ସେ ବିଷୟରେ ଜାଣିନାହିଁ ବୋଲି କହିଛନ୍ତି।

## ବର୍ଦ୍ଧିତ ଭତ୍ତା ବଣ୍ଟନର ଶୁଭାରମ୍ଭ



**ନୟାଗଡ଼, ୧୫ା୧(ସମିସ):** ନୟାଗଡ଼ ବ୍ଲକ ସଭାଗୃହରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତଭତ୍ତା ବଣ୍ଟନ ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧକ୍ଷା କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ବିଡିଓ ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ପରିଚାଳନା କରିଥିଲେ। ନୟାଗଡ଼ ବ୍ଲକ ଓ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଖଣ୍ଡପଡ଼ା ବିଧାୟକ ଦୃଷ୍ମନ୍ତ କୁମାର ସ୍ୱାଇଁ ପହଞ୍ଚି କିଛି ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ।

## ଗାଁସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

**ନୟାଗଡ଼, ୧୫ା୧(ସମିସ):** ନୟାଗଡ଼ ନିକଟସ୍ଥ ପ୍ରତାପ ପ୍ରସାଦ ସ୍ଥିତ ମା' ଭୈରବୀଙ୍କ ପୀଠରେ ଜିଲ୍ଲା ସଭାପତି ରାମକୃଷ୍ଣ ପାଢ଼ୀଙ୍କ ଆହ୍ୱାନକ୍ରମେ ଗାଁ ସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ୮ଟି ବ୍ଲକର ୫୦୦ ରୁ ଊର୍ଦ୍ଧ୍ୱ ଗାଁ ସାଥୀ ଉପସ୍ଥିତ ଥିଲେ। ବୈଠକରେ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ୨୦୦୮ ମସିହାରୁ ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା ଓ ମାର୍କ ଆଧାରରେ ନିଯୁକ୍ତି ହୋଇଥିବା ଗାଁ ସାଥୀଙ୍କୁ କିଛି ଦରମା ଓ ପାରିଶ୍ରମିକ ମିଳୁନଥିବା ବେଳେ ମାସିକ ୧୦, ୦୦୦ ଟଙ୍କା ପାରିଶ୍ରମିକ ଦାବି କରାଯାଉଛି। ୧୭ ବର୍ଷରୁ ଊର୍ଦ୍ଧ୍ୱ ସରକାରୀ ଚାକିରୀ ଆଶାରେ ଥିବା ବେଳେ ହୀନ ଉଦ୍ଦେଶ୍ୟ ରଖି ଅନୈତିକ ଭାବେ କିଛି ଗ୍ରାମ ପଞ୍ଚାୟତରେ ନୂତନ ମେଟଙ୍କ ହ୍ୱାସା ଏନଏମଏମଏସ କରାଯାଉଥିବାକୁ ଦୃଢ ବିରୋଧ କରାଯାଇଥିଲା। ପୂର୍ବରୁ ଗାଁ ସାଥୀଙ୍କୁ ଏନଏମଏମଏସରେ ଯେଉଁ ପ୍ରାପ୍ୟ ମିଳୁଥିଲା ତାହା ବର୍ତ୍ତମାନ ପ୍ରାୟ ୨ ବର୍ଷ ହେବ ପ୍ରଶାସନିକ ଅବହେଳାରୁ ମିଳୁନାହିଁ। ଏଣୁ ଏହି ସମସ୍ୟା ଗୁଡିକ ସରକାର ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଏକ ଦୃଢ଼ ବିକ୍ଷୋଭ ଓ ବିରୋଧ କରାଯିବା ପାଇଁ ନିଷ୍ପତି ନିଆଯାଇଛି।



● ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣା

# ଆଜିଠୁ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ନୟାଗଡ଼, ୧୫ା୧(ସମିସ):** ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣା ଆଜି ଭିନ୍ନ ରୁପ ନେଇଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଫେରାଦ ହୋଇଛନ୍ତି। ଓଡ଼ିଆ ଅଧ୍ୟାପକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବାରୁ ସମସ୍ତ କର୍ମଚାରୀ ଆସନ୍ତାକାଲିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ମହାବିଦ୍ୟାଳୟରେ ଗତ ୩୦ ତାରିଖ ଅଧକ୍ଷ ବିପିନ କୁମାର ପଟ୍ଟନାୟକ ଓ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟିଙ୍କ ମଧରେ ବଚସା ହୋଇଥିଲା। ଏକ ଜରୁରୀ କାଗଜରେ ଓଡ଼ିଆ ଅଧ୍ୟାପକ ଅଧକ୍ଷଙ୍କ ଦସ୍ତଖତ ପକାଇଥିବା କାରଣରୁ ତାଙ୍କୁ ଓଡ଼ିଆ ବିଭାଗ ସଂଯୋଜକ ପଦରୁ ଅଧକ୍ଷ ବିଦା କରିଥିଲେ। ଯାହାକୁ ନେଇ ଓଡ଼ିଆ ଅଧ୍ୟାପକ ବଚସା ସହ ଅଧକ୍ଷଙ୍କୁ ଚାପୁଡ଼ା ପକାଇଥିଲେ। ଏହାକୁ ନେଇ ଉକ୍ତ ଦିନ ଷ୍ଟାଫ କାଉନସିଲ ବୈଠକ ବସିବା ସହ ଘଟଣା ସମ୍ପର୍କରେ ଜିଲ୍ଲାପାଳ, ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲା। ତା ସହିତ ଅଧକ୍ଷ ଏହି ଘଟଣାକୁ ନେଇ ଥାନାରେ ଏତଲା ଦେଇଥିଲେ। ଟାଉନ ଥାନା ପୁଲିସ ମାମଲା ରୁଜୁ କରି ଓଡ଼ିଆ ଅଧ୍ୟାପକଙ୍କୁ ଥାନାରେ ହାଜର ପାଇଁ ନୋଟିସ କରିଥିଲେ। ଏହାକୁ ଅଣଦେଖା କରି ଅଧ୍ୟାପକ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିଲେ। ଘଟଣାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଆସି ତଦନ୍ତ ମଧ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ଆଲୋଚନା କରିବା ସହ ଓଡ଼ିଆ ଅଧ୍ୟାପକଙ୍କ ନାମରେ ରହିଥିବା ପୁରୁଣା ଅଭିଯୋଗକୁ ଶୁଣିଥିଲେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଆଜି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶତାଧିକ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଆନ୍ଦୋଳନ ସମ୍ପର୍କରେ ଲିଖିତ ଭାବେ ଅବଗତ କରିଛନ୍ତି। ଆସନ୍ତାକାଲିଠାରୁ ମହାବିଦ୍ୟାଳୟ କର୍ମଚାରୀମାନେ ନୀରବ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଅଧକ୍ଷ ଓ ଅଧ୍ୟାପକ ବିବାଦ ନୟାଗଡ଼ ଜିଲ୍ଲାରେ ଭିନ୍ନ ବାତବାରଣ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

● ଜିଲ୍ଲା ପ୍ରଶାସନ ପାଖରେ ଫେରାଦ

## ଖଳିସାହି କ୍ରିକେଟ୍, ଫାଇନାଲରେ ମେଣ୍ଢାଶାଳ

**ଖଣ୍ଡପଡ଼ା, ୧୫ା୧(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ମେଣ୍ଢାଶାଳ କ୍ରିକେଟ ଟିମ୍। ଟସ୍ ଜିତି ମେଣ୍ଢାଶାଳ ୨୦ ଓଭରରେ ୩ ୱିକେଟ ହରାଇ ୨୩୪ ରନ କରିଥିଲା। ଜବାବରେ ଖୋର୍ଦ୍ଧା ୨୦ ଓଭରରେ ୯ ୱିକେଟ ହରାଇ ୧୯୭ ରନରେ ସୀମିତ ରହିଥିଲା। ବିଜୟୀ ଦଳର ଟୁନୁ ଖଟୁଆ ୪୫ ଟି ବଲରୁ ୧୨ଟି ଚୌକା ଓ ୧୨ଟି ଛକା ସହାୟତାରେ ୧୨୮ ରନ ଏବଂ ବୋଲିଂରେ ୧ ୱିକେଟ ଅକ୍ତିଆର କରିବା ସହିତ ଦିନର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅନାଦିଚରଣ ସାହୁ ଏବଂ ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଦୀପକ ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ଶନିବାର ବାଙ୍କି ପାୱାର କିଙ୍ଗ ଓ ମେଣ୍ଢାଶାଳ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ଦିଆଯାଇଛି।




## ଦଶପଲ୍ଲା କପ୍; ଶ୍ରୀନଗର ସେମିରେ

**ଦଶପଲ୍ଲା, ୧୫ା୧(ସମିସ):** ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-'ବି' ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ମଧ ଜବରଦସ୍ତ ଖେଳ ପ୍ରଦର୍ଶନ କରି ଶ୍ରୀନଗର ଏସ୍‌ଟିଏଫ୍‌ସି କାଶ୍ମୀର ୩ଟି ଗୋଲ ଦେଇଥିଲା। ପ୍ରତିପକ୍ଷ ବିହାର ମା' କାମାକ୍ଷ ସ୍ପୋର୍ଟସ କ୍ଲବ କୌଣସି ଗୋଲ ଦେଇପାରିନଥିଲା। ଏସ୍‌ଟିଏଫ୍‌ସି ଶ୍ରୀନଗର ୩-୦ ଗୋଲରେ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରୁଥିଲେ ରେଫରୀ ଶ୍ୟାମସୁନ୍ଦର ସାହା, ଲାଇନ୍ସରେ ପ୍ରସନ୍ନ କୁମାର ନାୟକ, ରବୀନ୍ଦ୍ର କୁମାର ନୟକ ଓ ଫୋର୍ଥ ଅଫିସିଆଲରେ ଆର୍ଶିବାଦ ସେନ ସହଯୋଗ କରୁଥିଲେ। ଆଜି ଖେଳର ମୁଖ୍ୟ ଅତିଥି ଭାବେ ସମାଜସେବୀ ଅନନ୍ତ ସାହୁ ଯୋଗ ଦେଇଥିଲେ।



● ମନ୍ତ୍ରୀଙ୍କ ବାଲି ଓ ଖାଲି ଗାଡି ଜବତ ଘଟଣା

# ଗାଡ଼ି ମାଲିକଙ୍କ ମନରେ ଅସନ୍ତୋଷର ନିଆଁ

**ଖଣ୍ଡପଡ଼ା/ନୟାଗଡ଼, ୧୫ା୧(ସମିସ):** ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଗୋଟିଏ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା ଥିବା ବେଳେ ବିଗତ କିଛିବର୍ଷ ହେବ ବାଲିଘାଟ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖଣ୍ଡପଡ଼ା ଅଞ୍ଚଳ ସହ ନୟାଗଡ଼କୁ ସିଧାମୂଳା ଏବଂ ଆଖପାଖ ଘାଟରୁ ଦୈନିକ ଶହ ଶହ ବାଲି ଚାଲାଣ ହେଉଥିବା ବେଳେ ନିର୍ମାଣ କାମର ବଡ ଆବଶ୍ୟକତା ମେଣ୍ଟାଇଥାଏ। ବାଲିଘାଟଗୁଡିକରେ ମାଫିଆଙ୍କ ରାଜୁତି ଚାଲିଥିବା ବେଳେ ଦୀର୍ଘଦିନ ହେବ ଟ୍ରିପ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ସୋମବାର ବିଳମ୍ବିତ ରାତିରେ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା କଣ୍ଟିଲୋରୁ ଖଣ୍ଡପଡ଼ା ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତାରେ ଚଢଉ କରିବା ପରେ ଏବେ ଜିଲ୍ଲା ଖଣି ବିଭାଗ ଓ ସ୍ଥାନୀୟ ପୁଲିସର ଗୁମର ଖୋଲିଥିବା ଚର୍ଚ୍ଚା ଜୋର ଧରିଛି। ଗତ କିଛି ବର୍ଷ ହେବ ବ୍ଲକ ଅଧୀନ ସିଧାମୂଳା, କୁମୁଣ୍ଡି ଓ ବଡବାଣପୁର ଘାଟରୁ ବିପୁଳ ପରିମାଣରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ବିଶେଷକରି ବଡବାଣପୁର ପଞ୍ଚାୟତରେ ବେଆଇନ ବାଲିଘାଟ ଓ ପଥରଖଣି ପଞ୍ଚାୟତବାସୀଙ୍କ ନିଦ ହଜାଇଦେଇଛି। ତେବେ ଖୋଦ ସ୍ଥାନୀୟ ବିଧାୟକଙ୍କ ଦଳୀୟ ଲୋକମାନେ ସିଧାମୂଳା ଓ ବଡବାଣପୁର ଅଞ୍ଚଳରେ ବେଆଇନ ବାଲିଘାଟ ନେଇ

● ପୋଲ୍ ଖୋଲିଲେ ମନ୍ତ୍ରୀ; କଂଗ୍ରେସ

ଦିନରାତି ଚୋରା ବାଲି ଚାଲାଣ କରୁଥିବା ମଧ ଆଜି ଖଣ୍ଡପଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ୭ଟି ଖାଲି ଗାଡ଼ିକୁ ବିନା କାରଣରେ ଅଟକାଇ ମନ୍ତ୍ରୀ ଓ ବିଧାୟକ ଶୁଖିଲା ବାହାବା ନେବା ଘଟଣାକୁ ସାମାଜିକ ଗଣମାଧ୍ୟମରେ ଦୃଢ଼ ନିନ୍ଦା ସହ ଏନେଇ ଗାଡି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ନିଆଁ କୁହୁଳୁଥିବା ଜଣାପଡ଼ିଛି। ବର୍ତ୍ତମାନ ଖଣ୍ଡପଡ଼ା ଥାନାରେ ୧୦ଟି ଗାଡ଼ି ଅଟକଥିବା ଦେଖିବାକୁ ମିଳିଛି। ନିୟମ ବାହାରେ ମହାନଦୀ ଘାଟରୁ ବାଲି ଚାଲାଣ ହେବା ସହ ବର୍ଷ ବର୍ଷ ଧରି ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଆବଶ୍ୟକ ଅନୁମତି ବିନା ବାଲିଘାଟ ଚାଲିପାରିବା ନେଇ ନିୟମ ନଥିବାବେଳେ କାହାସ୍ୱାର୍ଥରେ ଖଣି ବିଭାଗ ଏବଂ ସ୍ଥାନୀୟ ପୁଲିସ ଚୁପ ବସିଛନ୍ତି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

ଅନ୍ୟପକ୍ଷେ, ମନ୍ତ୍ରୀ ବାଲି ଗାଡ଼ି ଧରିବା ଘଟଣା ସ୍ଥାନୀୟ ତହସିଲଦାର, ଖଣି ଅଧିକାରୀ, ପରିବହନ ବିଭାଗ ଓ ପୁଲିସ ସହ ବାଲି ମାଫିଆଙ୍କ ଭିତିରିଆ ସମ୍ପର୍କକୁ ପଦାରେ ପକାଇଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି। ଖଣି ଅଧିକାରୀଙ୍କ ବେପରୁଆ ନୀତି ଏବଂ କାହାର ଫୋନ ନଉଠାବା ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତି ନିନ୍ଦା କରିଛନ୍ତି।

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍

# ସେମିରେ ସମ୍ବଲପୁର ଏକାଡେମୀ

ନୟାଗଡ଼, ୧୫ା୧(ସମିସ)



ନୟାଗଡ଼ ଖେଳପଡ଼ିଆଠାରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍‌ର ବୁଧବାର ଥିଲା ଦ୍ୱିତୀୟ ଦିବସ। ଆଜିର ଖେଳ ଗଣ୍ଡରପୁର ୟୁନାଇଟେଡ କ୍ଲବ ବନାମ ସମ୍ବଲପୁର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇଥିଲେ। ୭୮୬ ୟୁଥ କ୍ଲବ ସିନ୍ଦୁରିଆ, ମଣିଙ୍ଗ କ୍ଲବ ନୟାଗଡ଼ ଆଥଲେଟିକ ଆସୋସିଏସନ ଓ ନୟାଗଡ଼ କ୍ଲବ ମିଳିତ ଉଦ୍ୟମରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସୁବାସ କଅଁର, ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ପ୍ରାଇଭେଟ୍ ବସ୍ ଆସୋସିଏସନ ସଭାପତି ମନୋଜ କୁମାର ନାୟକ, ନୟାଗଡ଼ ପୌରାଞ୍ଚଳ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଖେଳ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଉଭୟ ଦଳ ପରସ୍ପରକୁ ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ଶେଷରେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଟ୍ରାଇବେକର ସହାୟତାରେ ସମ୍ବଲପୁର ଏକାଡେମୀ ୫-୩ ଗୋଲରେ ବିଜୟ ଲାଭ କରିଛି। ସମ୍ବଲପୁରର ୧୭ ନମ୍ବର ଖେଳାଳୀ ଆତାନାଲ ନିଉମାଲା ଶ୍ରେଷ୍ଠ ବିବେଚିତ ହୋଇଥିଲେ। ତାଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରୁଥିବା ବେଳେ ସହାୟକ ରେଫରୀ ଭାବେ ଶଶୀକାନ୍ତ ଦାସିଆ, ଦେବରାଜ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଚତୁର୍ଥ ରେଫରୀ ଭାବେ ରାଜକିଶୋର ମହାନ୍ତି ଓ ମ୍ୟାଚ କମିଶନର ଭାବେ ଆଲୋକ ଦାସ ଖେଳ ପରିଚାଳନା କରିଥିଲେ। ଆଜି ଖେଳର ଉଦଘୋଷକ ଭାବେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲ୍ଲିକ, ପ୍ରଫେସର ଆଶୁତୋଷ ମିଶ୍ର ଓ ଭାଗିରଥି ପାସା ଯୋଗ ଦେଇଥିଲେ। ହଜାର ହଜାର ସଂଖ୍ୟକ ଦର୍ଶକ ଖେଳର ମଜା ଉଠାଇଥିଲେ। ଆସନ୍ତା କାଲି ପ୍ରଥମ ସେମି ଫାଇନାଲ କେବିଏନ ନେପାଳ ଗଞ୍ଜ ମଣିପୁର ସହିତ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।

■ ମା'ଭଗବତୀଙ୍କ ପୀଠରେ ମକର ଉତ୍ସବ

# ଦକ୍ଷେଶ୍ୱର ଦେବଙ୍କ ମନ୍ଦିରରୁ ବାହାରିଲା ମକର ତାଡ଼

**ବାଣପୁର,୧୫।୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଶକ୍ତିପୀଠରେ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା ହୋଇ ମହାପ୍ରସାଦ ଅର୍ପଣ ପରେ ବେଶ ହୋଇଥିଲା। ପରେ ବଲ୍ଲଭ ଆଳତି ବଢିବା ପରେ ସର୍ବ ସାଧାରଣ ନୈବେଦ୍ୟ ଅର୍ପଣ ହୋଇ ଚିଲିକା ମଧ୍ୟସ୍ଥ ପୂର୍ବ ଦିଗ ରକ୍ଷାକାରିଣୀ ଭଉଣୀ ମା'କାଳିଜାଇଙ୍କ ପୀଠରୁ ପାରିକୁଦ ଗଡ଼ର ରାଜା ପଠାଇଥିବା ମକର ଯାତ୍ରା ନିମନ୍ତ୍ରଣ ରକ୍ଷା କରି ସେବକଙ୍କ ହାତରେ ଆଜ୍ଞାମାଳ ସହିତ ଶାଢ଼ି, ଚୁଡ଼ି, ସିନ୍ଦୁର, ଅଳତା, ଓଢ଼ଣୀ, ଫଳ, ଗଜାମୁଆଁ ନେଇ ମା'କାଳିଜାଇଙ୍କ ପୀଠକୁ ଯାଇ ରାଜାଙ୍କ ହାତରେ ଅର୍ପଣ ପରେ ଭଉଣୀ ମା'କାଳିଜାଇଙ୍କୁ ଲାଗି କରାଇଥିଲେ। ସେହିପରି ପଶ୍ଚିମ ଦିଗ ରକ୍ଷାକାରିଣୀ ଭଉଣୀ ମା' ବିରିଯାଇଙ୍କ ମକର ଯାତ୍ରା ନିମନ୍ତ୍ରଣ ରକ୍ଷା କରି ସେହି ପୀଠକୁ ମଧ୍ୟ ସେବକଙ୍କ



ହାତରେ ଆଜ୍ଞାମାଳ ସହ ଶାଢି, ଚୁନରି, ଚୁଡ଼ି, ସିନ୍ଦୁର, ଅଳତା, ଫୁଲ, ନୂଆ ଅରୁଆ ଚାଉଳ, ଗୁଡ, ଘିଅ, କଦଳୀ, ନଡ଼ିଆ, ମସଲା, ଫଳମୂଳ, ଗଜାମୁଆଁ ଆଦି ପଠାଯାଇ ଥିଲା। ସନ୍ଧ୍ୟାରେ ମା'ଙ୍କ ଚଳନ୍ତି ପ୍ରତିମାକାଠି ଠାକୁରାଣୀ ବାପଘର ଦକ୍ଷେଶ୍ୱର ଦେବଙ୍କ ମନ୍ଦିରରେ ମକରବେଢ଼ା ସାରି ବାଜା ରୋଷଣୀ ଘଣ୍ଟ,କାହାଳି ଛତ୍ର ତରାଶ ସହିତ ନିଜ ମନ୍ଦିରକୁ ଯାତ୍ରା କରିଥିଲେ। ମା'ଙ୍କ ଠାରେ ମକର ନୈବେଦ୍ୟ ଘଣ୍ଟ କାହାଳି ବାଜି ଧୂପ କରାଯାଇ ମକର ଆଳତି ବଢ଼ିଥିଲା । ପରେ ସେବାୟତ ଓ ସର୍ବସାଧାରଣଙ୍କୁ ଉକ୍ତ ମକର ପ୍ରସାଦ ବଣ୍ଟନ କରାଯାଇଥିଲା। ପବିତ୍ର ମକର ସଂକ୍ରାନ୍ତିରେ ମା'ଙ୍କୁ ଦର୍ଶନ କରି ମକରପ୍ରସାଦ ପାଇବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ମା'ଙ୍କ ବଡ଼ଶିଙ୍ଗାର ହୋଇ ଖେଚଡ଼ି, ଡାଲି, ଆମ୍ବିଳ, ମାଛ ମହୁର, ମାଛ ଗୁଣ୍ଡି ଭଜା ସହିତ କାନ୍ତି କାକରା, ଛେନାପଣା ଧୂପ ହୋଇ ମା'କାଠି ଠାକୁରାଣୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିଥିଲେ। ମନ୍ଦିରରେ ରାତ୍ର ପହଡ଼ ହୋଇଥିଲା।

# କାଇପଦର ଅଞ୍ଚଳରୁ ବେଧଡ଼କ ଚୋରି ହେଉଛି କଳାମୁଗୁନି

**ଖୋର୍ଦ୍ଧା,୧୫।୧(ସମିସ)**

ସଦରଥାନା ଅନ୍ତର୍ଗତ କାଇପଦର ଅଞ୍ଚଳରେ ବଢୁଛି କଳାମୁଗୁନି ପଥର ଚୋରି। ଲିଜ ନେଇଥିବା ଖଣିରୁ ଗୋଟିଏ ଖଣିର ଅର୍ଥ ପଇଠ କରି ନିକଟ ଖଣିରୁ ବେଧଡକଭାବେ ବିନା 'ୱାଇ ଫର୍ମ'ରେ ଚୋରା ଚାଲାଣ ହେଉଛି ଶହ ଶହ ଟ୍ରିପ ହାଇୱା କଳାମୁଗୁନି।

ସୂଚନା ଅନୁସାରେ, ଖୋର୍ଦ୍ଧା କାଇପଦର ମୌଜା ଅଧୀନରେ ଥିବା ଧନିଆ ପାହାଡ଼ରେ ଚାଲିଛି ବେଆଇନ ସ୍ୱଲ୍ ଖଣି। ପାହାଡ ଚୋର ଅଭିନବ ଉପାୟରେ ଚୋରି କରୁଛନ୍ତି। କାଇପଦର ମୌଜାରେ ଥିବା ଧନିଆ ପାହାଡ଼ରେ ଧନିଆ (କ) ଧନିଆ (ଘ) ଦୁଇଟି ପାହାଡ଼ ନିଲାମରେ ଆସିଛି। କିନ୍ତୁ ପାହାଡ ଲିଜ୍ ଆଣିଥିବା ବ୍ୟକ୍ତି ଧନିଆ (ଘ) ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅର୍ଥ ପୈଠ କରିଛନ୍ତି। ମାତ୍ର ଧନିଆ (କ) ପାଇଁ ସଲାମୀ ଅର୍ଥ ବାନ୍ଧି ନଥିବା ଜଣାଯାଇଛି। ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ତଥା କିଛି କୁଜିନେତା, ପୁଲିସ ଓ ପ୍ରଶାସନର କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି ଦିନକୁ ଶହ ଶହ ଟ୍ରିପ ସ୍ୱଲ ଅନ୍ୟ ଏକ ଖଣିର ଗୋଟିଏ ୱାଇ ଫର୍ମରେ ବେଆଇନ ଖଣି ମାଲ୍ ଆଣି ଖଣି ନିକଟରେ ଥିବା ଏକ ମେଗା କ୍ରସର୍‌କୁ ରାତିଅଧିଆ ଚାଲାଣ କରୁଛନ୍ତି। ଯେଉଁ କ୍ରସରକୁ ଏହି ବେଆଇନ ମାଲ୍ ଯାଉଛି ସେହି କ୍ରସରର ଇଲେକ୍ଟ୍ରି ବିଲ ଓ ବିକାଯାଉଥିବା ଚିପସ୍‌ର ଜିଏସଟି ବିଲ ମିଶାଇ ଯାଞ୍ଚ କଲେ କେତେ ମାଲ କିଣାଯାଉଛି ଏବଂ ସେମାନଙ୍କ ପାଖରେ କିଣାଯାଉଥିବା ମାଲ୍‌ର ୱାଇ ଫର୍ମ ସମ୍ପୂର୍ଣ୍ଣ ଅଛି କି ନାହିଁ ତାହାର ପ୍ରକୃତ ସତ୍ୟ ଜଣାପଡିବ। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ମେଗାକ୍ରସର ଗୁଡିକୁ ଯାଞ୍ଚ କରାଗଲେ କେତେ ବେଆଇନ ପଥର ଆଣି ଗଚ୍ଛିତ କରିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ପଦାକୁ ଆସିବ। ତେବେ ବେଆଇନ କଳାମୁଗୁନି ଟ୍ରିପକୁ ୬ହଜାର ଲେଖାଏଁ ଖଣିରେ ବିକ୍ରି କରାଯାଉଥିବା ବେଳେ କ୍ରସରରେ ପହଁଚାଇବାକୁ ୮ହଜାରରୁ ସାଢେ ୮ହଜାର ରହୁଥିବା ବିଶେଷ ଅନୁସନ୍ଧାନରୁ ଜଣାଯାଇଛି। ଫଳରେ ପଥର ମାଫିଆ ଓ ଅସାଧୁ କର୍ମଚାରୀ ମାଲେମାଲ ହେଉଥିବାବେଳେ ପ୍ରଶାସନ ଏବଂ ସରକାର କୋଟି କୋଟି ରାଜସ୍ୱ ହରାଉଛନ୍ତି। ତେଣୁ କାଇପଦର ଅଂଚଳରେ ଚାଲୁଥିବା ବେଆଇନ କଳାମୁଗୁନି ପଥର ଚୋରିକୁ ରୋକିବା ଦିଗରେ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହ ଜଗନ୍ନାଥଙ୍କ ବହୁ ମୂଲ୍ୟବାନ ସମ୍ପତ୍ତି ହରିଲୁଟ ହୋଇଯିବାର ଆଶଙ୍କା ଏଡାଇ ଦିଆଯାଇ ନ ପାରେ।

- ଅସାଧୁ କର୍ମଚାରୀ ସାଜିଛନ୍ତି ହାତବାରିସୀ
- ସରକାର ହରାଉଛନ୍ତି ରାଜସ୍ୱ, ମାଫିଆ ମାଲେମାଲ
- ଗୋଟିଏ 'ୱାଇ ଫର୍ମ'ରେ ଶହ ଶହ ଟ୍ରିପ୍ ଚାଲାଣ

## ମା' ତାରିଣୀ ଫୁଟ୍‌ବଲ କ୍ଲବ୍ ଚତୁର୍ଥ ଲିଗ୍ ମ୍ୟାଚ; ପୋଡ଼ାପଡ଼ା ଦଳ ସେମିରେ

**ବେଗୁନିଆ,୧୫।୧(ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ମା' ତାରିଣୀ ଫୁଟବଲ କ୍ଲବର ଚତୁର୍ଥ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ ପୋଡ଼ାପଡ଼ା ଓ ବାଙ୍କୀ ଦଳ ମଧ୍ୟରେ ଖେଳ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ପାରି ନ ଥିବା ବେଳେ ପୋଡ଼ାପଡ଼ା ଦଳ ଟାଇବ୍ରେକର ସହାୟତାରେ ୫-୪ ଗୋଲରେ ବିଜୟୀ ହୋଇ ସେମିକୁ ଉନ୍ନୀତ ହୋଇଛି । ଶିକ୍ଷକ ନିରଞ୍ଜନ ଛାଟୋଇ ଓ ସମାଜସେବୀ ଅନସୁର ଖାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରେଫରି ସଗିର ଅହମ୍ମଦ ଥିବା ବେଳେ ତ୍ରିନାଥ ପରିଡା ଓ ଦାଶରଥି ଖୁଣ୍ଟିଆ ଲାଇନସ ମ୍ୟାନ ଦାୟିତ୍ୱ ତୁଲାଇଥିଲେ ।

## ଅଗ୍ନିକାଣ୍ଡରେ ୩ ବଖରା ଚାଳଘର ଭସ୍ମୀଭୂତ

**ଟାଙ୍ଗୀ,୧୫।୧(ସମିସ):** ଟାଙ୍ଗୀ ପଞ୍ଚାୟତ ବିନ୍ଧାଣିଆ ଗ୍ରାମର ଶତ୍ରୁଘନ ସାହୁଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ୨୫ ବସ୍ତା ଧାନ, ଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡି ଯାଇଛି। ଘଟଣାସ୍ଥଳରେ ଟାଙ୍ଗୀ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଟାଙ୍ଗୀ ସରପଞ୍ଚ କିଶୋର ବେହେରା କ୍ଷତିଗ୍ରସ୍ତ ପରିବାରକୁ ୫ ହଜାର ଟଙ୍କା, ୫୦ କିଲୋ ଚାଉଳ, ସମାଜସେବୀ ଆଡଭୋକେଟ ରମେଶ କୁମାର ବେହେରା ମଧ୍ୟ ଏହି ପରିବାରକୁ ୫ ହଜାର ଟଙ୍କା ସହାୟତା ଯୋଗାଇଛନ୍ତି। ସମାଜସେବୀ ସୁରେନ୍ଦ୍ର କୁମାର ମହାପାତ୍ର, ଅଶ୍ୱିନୀ କୁମାର ଦାସ କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଆସନ୍ତାକାଲି ତହସିଲଦାରଙ୍କ ତରଫରୁ ଜରିପାଲ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



## ୧୬ଟିକିଆ ହାତୀପଲ ନଷ୍ଟ କଲେ ଧାନ

**ବେଗୁନିଆ,୧୫।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ଗ୍ରାମରେ ୧୬ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଅମଳ ଧାନ ବସ୍ତା ସହ ପାଚେରୀ ଭାଙ୍ଗି ନଷ୍ଟ କରିଥିବାର ସୂଚନା ମିଳିଛି। ମଙ୍ଗଳବାର ରାତିରେ ଚାଷୀ ଶ୍ରୀକାନ୍ତ ଦାସଙ୍କ ୧୫ ବସ୍ତାରୁ ଊର୍ଦ୍ଧ୍ୱ ଧାନ ବସ୍ତା ନଷ୍ଟ ହୋଇଥିବା ବେଳେ ତାରେଶ୍ୱର ମାର୍ଥାଙ୍କ ଧାନ କଳେଇ ସହ ପାଚେରୀ ଭାଙ୍ଗି ଦେଇଛନ୍ତି। ଯାହାକି ହାତୀ ରାଉତପଡ଼ା ଗ୍ରାମ ନିକଟରେ ଥିବା ଜଙ୍ଗଲରେ ବିଚରଣ କରୁଥିବାର ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ କହିଛନ୍ତି ।

# ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଣପୁର,୧୫।୧(ସମିସ):** ବାଣପୁର ବ୍ଲକ ଭୀମପୁରସ୍ଥିତ ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକଙ୍କ ପରିଚାଳନା ଓ ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଗାଲୁଆ ପଞ୍ଚାୟତ ସରପଞ୍ଚ ସୁରେଶ ଚନ୍ଦ୍ର ବାରିକୀ, ବାଣପୁର ବିଇଓ ସି.ଏଚ୍ ବିଜୟ ଲକ୍ଷ୍ମୀ, ବିଦ୍ୟାଳୟ ପଞ୍ଚସଖା ସେତୁର ସଭାପତି ରମେଶ ବେହେରା ଓ ପରିଚାଳନା କମିଟିର ସଭାପତି ସନ୍ତୋଷ ସାହୁ ଯୋଗ ଦେଇଥିଲେ। ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ କଲ୍ପଲତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# 'ମ୍ୟାଜିକ୍ ଶୋ'ର ମଜା ନେଉଛନ୍ତି ତହସିଲ୍ କର୍ମଚାରୀ

କାମ ଠପ୍; ଘଣ୍ଟାଘଣ୍ଟା ଧରି ଅପେକ୍ଷା କଲେ ଲୋକେ

**ଖୋର୍ଦ୍ଧା,୧୫।୧(ସମିସ):** ଖୋର୍ଦ୍ଧା ତହସିଲ ଅଫିସରେ ଚାଲିଛି ମ୍ୟାଜିକ ଶୋ। ବିଶ୍ୱାସ ନ ହେଲେ ବି ସତ। ସମୟ ଦିନ ସାଢେ ଗୋଟେ। ୧.୩୦ ରୁ ୨ଟା ପର୍ଯ୍ୟନ୍ତ ଚାଲିଥିଲା ଶୋ। ତହସିଲ ଅଫିସ୍‌ରେ ସମସ୍ତ କର୍ମଚାରୀ ନିଜ କାମ ଛାଡି ମ୍ୟାଜିକ ଶୋ ଦେଖିବାରେ ବ୍ୟସ୍ତ। ବଡ଼ବାବୁଙ୍କ ଟେବୁଲ ଉପରେ ଚାଲିଛି ହାତ ସଫେଇ ଖେଳ। ଗୋଟିକ ପରେ ଗୋଟିଏ ମ୍ୟାଜିକ ଦେଖାଉଛି ଯାଦୁକର। ଉପଭୋଗ କରି ତାଳି ମାରୁଛନ୍ତି କର୍ମଚାରୀ, ସେଥିରେ ଅତିରିକ୍ତ ତହସିଲଦାର୍ ବି ସାମିଲ। ଯାଦୁକର ଉତ୍ସାହିତ ହୋଇ ଅଧିକ ମ୍ୟାଜିକ ଦେଖାଉଛି। ଅଫିସ ଭିତରେ ଚାଲିଛି ମ୍ୟାଜିକ ସୋ। କାମ ପାଇଁ ଆସିଥିବା ଲୋକମାନେ ବାହାରେ ଅପେକ୍ଷା କରିଛନ୍ତି।

ଜମି ପଟ୍ଟା, ନାମଜାରି, ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଠାରୁ ଆରମ୍ଭ କରି ବହୁ କାର୍ଯ୍ୟ ପାଇଁ ଆସିଥିବା ଜନସାଧାରଣ ଅପେକ୍ଷା କରିଥିଲେ ମଧ୍ୟ ବାବୁମାନେ ମ୍ୟାଜିକ ଖେଳରେ ବିଭୋର। ଖୋର୍ଦ୍ଧା ତହସିଲ ଅଫିସ ଅତୀତରେ ଅନେକ କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ରହିଆସିଛି। ପୂର୍ବତନ ତହସିଲଦାର୍ ଭିଜିଲାନ୍ସ ଜାଲରେ ପଡ଼ିବା, କମ୍ପ୍ୟୁଟର କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିବା ଏମିତି ଅନେକ କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ଥିବା ତହସିଲ କାର୍ଯ୍ୟାଳୟରେ ମ୍ୟାଜିକ ଖେଳକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଜନସାଧାରଣଙ୍କ ଟିକସରେ ଦରମା ପାଇ ତହସିଲ କର୍ମଚାରୀ ଲୋକଙ୍କ ସେବା କରିବା ବଦଳରେ ତହସିଲଦାରଙ୍କ ଅନୁପସ୍ଥିତିରେ ମଉଜ ମଜଲିସ କରି ସମୟ କାଟୁଛନ୍ତି। ଆଜି ମ୍ୟାଜିକ ସୋ ଚାଲିଥିବା ବେଳେ କର୍ମଚାରୀମାନେ ତାହାକୁ ନିଜ ନିଜ ମୋବାଇଲରେ ସୁଟ କରି ଭାଇରାଲ କରିଛନ୍ତି।



## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା

**ବୋଲଗଡ଼,୧୫।୧(ସମିସ):** ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ତାରେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପବିତ୍ର ମାଘମାସ କୃଷ୍ଣ ପକ୍ଷ ପ୍ରତିପଦା ମଙ୍ଗଳବାରଠାରୁ ଷଷ୍ଠ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଏହି ମହାଯଜ୍ଞ ମଙ୍ଗଳବାର ଅଙ୍କୁରାରୋପଣ ହୋଇଥିବା ବେଳେ ବୁଧବାର ଜଳଯାତ୍ରା କାର୍ଯ୍ୟକ୍ରମ ସହିତ ଦେବତା ଆଗମନ ଓ ଅଗ୍ନି ସଂସ୍କାର କାର୍ଯ୍ୟକ୍ରମ ହୋଇଯାଇଛି। ୧୦୮ ମହିଳା ଗ୍ରାମର ସିଂଘନାଥ ଦେବଙ୍କ ପୁଷ୍କରିଣୀରୁ ଜଳକୁମ୍ଭ ନେଇ ଏକ ଶୋଭାଯାତ୍ରାରେ ଯଜ୍ଞମଣ୍ଡପଠାରେ ସ୍ଥାପନ କରିଥିଲେ। ଗୁରୁବାର ଶ୍ରୀମଦ୍ ଭାଗବତ ଗୀତା ଆହୂତୀ, ଶୁକ୍ରବାର ମହାରୁଦ୍ରାଷ୍ଟମୀ ଧାୟୀ ଆହୁତି, ଶନିବାର ଦୁର୍ଗା ସପ୍ତସତୀ ଆହୂତି ଏବଂ ରବିବାର ରାଷ୍ଟ୍ରହୋମ ଓ ପୂର୍ଣ୍ଣାହୂତୀ ହେବ। ପ୍ରତ୍ୟହ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ରୁଦ୍ରାଭିଷେକ ଓ ଚଣ୍ଡୀ ପାଠ କରାଯାଉଛି। ପୂର୍ବତନ ସରପଞ୍ଚ ମାଧବଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ୨୭ ମୌଜା ଭକ୍ତଙ୍କ ସହଯୋଗରେ ଉକ୍ତ ଯଜ୍ଞ ଆୟୋଜିତ ହୋଇଛି।



## ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭୂଷଣ୍ଡପୁର,୧୫।୧(ସମିସ):** ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତର ବଡ଼ପୋଖରୀ ନିକଟରେ ପ୍ରତିଷ୍ଠିତ ମା' ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଙ୍କୁରାରୋପଣ କରାଯାଇ ଯଜ୍ଞ କୁଣ୍ଡ ଏବଂ ବେଦି ପ୍ରତିଷ୍ଠା ସହିତ କଳସ ଶୋଭାଯାତ୍ରା କରାଯାଇଥିଲା। ଗ୍ରାମ ତଥା ନିକଟବର୍ତ୍ତୀ ଗ୍ରାମରୁ ଆସିଥିବା ସହସ୍ରାଧିକ ମହିଳା କାନ୍ଧରେ କଳସ ଧରି ନିକଟବର୍ତ୍ତୀ ଚାପ ପୋଖରୀରୁ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଅଭିମନ୍ତ୍ରିତ ଜଳକୁମ୍ଭ ମାନ ଶୋଭାଯାତ୍ରାରେ ଆଣି ଯଜ୍ଞ ବେଦି ନିକଟରେ ରଖିଥିଲେ। ବୁଧବାର ଯଜ୍ଞର ଶୁଭାରମ୍ଭ କରାଯାଇ ଗୁରୁବାର ପୂର୍ଣ୍ଣାହୂତି ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଯଜ୍ଞ କମିଟି କର୍ମକର୍ତ୍ତାଙ୍କ ସୂତ୍ରରୁ ଜଣାଯାଇଛି।

## ସମାଜସେବୀ ହେମନ୍ତ ବେହେରା ସମ୍ମାନିତ

**ଭୂଷଣ୍ଡପୁର,୧୫।୧(ସମିସ):** ସମାଜସେବୀ ହେମନ୍ତ ବେହେରାଙ୍କୁ ବିଶ୍ୱଶାନ୍ତି ସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀ ଟାଉନ ହଲ୍‌ଠାରେ ଭାରତ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ୱାର୍ଲଡ ଚ୍ୟାରିଟି ୱେଲଫେୟାର ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଉତ୍ସବରେ ସମାଜସେବୀ ହେମନ୍ତ ବେହେରାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସାଂସଦ ଶୁଭାଶିଷ ଖୁଣ୍ଟିଆ, ଅନୁଷ୍ଠାନର ଅଧ୍ୟକ୍ଷ ଅମର କୁମାର ଦାସ, ସନ୍ଧ୍ୟା ପଟ୍ଟନାୟକ, ପୁରୀର ପୂର୍ବତନ ପୌରପାଳ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗୀ ଓ ଏହାର ଆଖପାଖ ପଞ୍ଚାୟତରେ ଦୀର୍ଘ ୨୫ ବର୍ଷ ଧରି ସମାଜସେବୀ ଶ୍ରୀ ବେହେରା ବିଭିନ୍ନ କ୍ଷେତ୍ରରେ ଅସହାୟଙ୍କୁ ସହଯୋଗ କରି ଆସୁଛନ୍ତି।



● ଅତ୍ରି ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## 'ମହୋତ୍ସବ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ'




**ବେଗୁନିଆ,୧୫।୧(ସମିସ)**

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ମ ପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟବକ୍ତା, ସାଂସଦ ପ୍ରତିନିଧି ପ୍ରକାଶ ବିଜୁଳି, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ ବିଜେପିର ବୋଲଗଡ ବ୍ଲକ ସଭାପତି ରବୀନ୍ଦ୍ର ନାଥ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ସୁଧାକର ସେଠୀ ସ୍ୱାଗତ ଭାଷଣ ଓ ଶିକ୍ଷକ ଅଖିଳେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ଶେଷରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ଭୁବନେଶ୍ୱର ଓଡ଼ିଶୀ, ବରଗଡ଼ ସମ୍ବଲପୁରୀ ସହ ଆଞ୍ଚଳିକ ପ୍ରତିଭାଙ୍କ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା।

ସର୍ବଭାରତୀୟ ୩୧ତମ ସଖା ସଂଘ ଫୁଟ୍‌ବଲ

# ହିନ୍ଦୁସ୍ଥାନ ହିରୋଜ ଫୁଟ୍‌ବଲ ଏକାଡେମୀ କଲିକତା ସେମିକୁ ଉନ୍ନୀତ

**ନିରାକାରପୁର,୧୫।୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚରେ ଏସପିଏମ୍ ବିଶାଖାପାଟଣା ଓ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ, ବେହେଲା, କଲିକତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ପ୍ରଥମାର୍ଦ୍ଧରେ ଏସପିଏମ୍ ବିଶାଖାପାଟଣାକୁ ୧-୦ ଗୋଲରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀକୁ ହରାଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ସେକାୱାତ ଅଲ୍ଲୀ ଖାଁ, ଶିବ ସାମନ୍ତରାୟ, ସୁକାନ୍ତ କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ, ବିଶ୍ୱନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ଡାକ୍ତର ଜସ୍ମିନ ମାଝୀ, ପୂର୍ବତନ ସରପଞ୍ଚ ଗିରୀଶ ଚନ୍ଦ୍ର ମହାରଣା ଓ ସମାଜସେବୀ ମାନସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଦଳର ଶ୍ରେଷ୍ଠ ଗୋଲକିପର ଦେବଉମ୍, ଶ୍ରେଷ୍ଠ ଖେଳାଳି ଆଫ୍ରିଦ୍ ଓ ନବୀନଙ୍କୁ ଶରତ ଚନ୍ଦ୍ର ସାହୁଙ୍କ ପୁତ୍ର ଚନ୍ଦ୍ରକାନ୍ତ ସାହୁ ଏବଂ କେଦାରେଶ୍ୱର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ। ଅବସରପ୍ରାପ୍ତଶିକ୍ଷକ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସଭାପତି ବିପିନ କୁମାର ଜୟସିଂହ, ଉପସଭାପତି ତଥା ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରକାଶ କୁମାର ବଳିଆରସିଂହ, ସମ୍ପାଦକ ଭାଗିରଥି ପ୍ରଧାନ, କୋଷାଧ୍ୟକ୍ଷ ହରିହର ସିଂହ, ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଦୀପକ କୁମାର ପ୍ରଧାନ, ହିମାଂଶୁ ଭୂଷଣ ଚମ୍ପତିରାୟ, ଉମେଶ ଚନ୍ଦ୍ର ମିଶ୍ର, ଅଜୟ କୁମାର ହରିଚନ୍ଦନ, ମାନସ ଚନ୍ଦ୍ର ପଟ୍ଟନାୟକ, ଆବାହକ ମନୋଜ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପାଟଶାଣୀ ଓ ପ୍ରସାଦ ଦାସ, ଦିଗମ୍ବର ବଳିଆରସିଂହ, ଟିମ୍ ମ୍ୟାନେଜର ଚିତ୍ତରଞ୍ଜନ ମହାରଣା, କାର୍ତ୍ତିକ ସାମନ୍ତରାୟ, ଅଭିନାଶ ଜେନା, ଲଛମନ ନାୟକ, ବିଜୟ କୁମାର ପାଲଟାସିଂହ, ପ୍ରଦୀପ୍ତ କୁମାର ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ କଟକ ସ୍ପୋର୍ଟସ ହଷ୍ଟେଲ ଓ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ କଲିକତା ମଧ୍ୟରେ ଅନୁଷ୍ଠିତ ହେବ।



## ଅନନ୍ତସ୍ୱାମୀ ନାଗରିକ ସୁରକ୍ଷା ମଞ୍ଚର ଶୀତବସ୍ତ୍ର ବଣ୍ଟନ



**ବାଣପୁର,୧୫।୧(ସମିସ):** ବାଣପୁରର ଭୀମପୁର ଅନନ୍ତ ସ୍ୱାମୀ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଭୀମପୁର ଗ୍ରାମ ସ୍ଥିତ ଅନନ୍ତ ସ୍ୱାମୀ ଦେବଙ୍କ ମନ୍ଦିର ପରିସରରେ ଗ୍ରାମର ବୃଦ୍ଧ, ବୃଦ୍ଧା, ଅସହାୟ ଓ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଶୀତ ବସ୍ତ୍ର ତଥା କମ୍ବଳ ବଣ୍ଟନ କରାଯାଇଛି। ସଭାରେ ମଞ୍ଚର ସଭାପତି କିଶୋର ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା କରି ଥିବା ବେଳେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚର ଆଞ୍ଚଳିକ ସହ ସମ୍ପାଦକ ବସନ୍ତ କୁମାର ବାରିକ, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ବିଭୁତି ଭୂଷଣ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ମାଧବଚନ୍ଦ୍ର ବାରିକି, ବୈରାଗୀ ଚରଣ ବେହେରା, ଲକ୍ଷ୍ମୀଧର ସାହୁ ଓ ମଧୁସୂଦନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଗରିବ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ତଥା କମ୍ବଳ ଦିଆଯାଇଛି।

ସମ୍ପାଦକ ବିଷ୍ଣୁ ଚରଣ ଦାଶ, କୋଷାଧ୍ୟକ୍ଷ କିଶୋର ବାରିକ ଓ ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

